


# ଝାର୍‌ଦ୍ୟବ

ଅଣକାଷ୍ଠ ବନଜାତ ଦ୍ରବ୍ୟ ସମ୍ପର୍କିତ ମୁଖପତ୍ର



ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍
ଭୁବନେଶ୍ୱର
RCDC

**ଏ ସଂଖ୍ୟାରେ...** **ପୃଷ୍ଠା**


**ବିଶେଷ ପ୍ରସଙ୍ଗ**
ପେସା ଅଞ୍ଚଳରେ ଲଘୁବନଜାତ ଦ୍ରବ୍ୟ କାରବାର :
ଐତିହାସିକ ଅନ୍ୟାୟର ଅନ୍ତ ଘଟିଛି ତ ? ୩

**ପ୍ରସଙ୍ଗ**
କିଭଳି ମିଳିବ ବନଜାତ ଦ୍ରବ୍ୟ ବିକ୍ରୀରୁ ଲାଭ ୮

**ଔଷଧୀୟ ବୃକ୍ଷଲତା**
ଲହ ଲଙ୍ଗଳିଆ ସମ୍ପର୍କରେ କିଛି ସୂଚନା ୧୧

**ଚାଷବାସ**
ଜାଇଫଳ ୧୨

**ଚଳନ୍ତିକା**
ଚାଲାଣ ହେଉଛି ମୂଲ୍ୟବାନ ପ୍ରଜାତି ୧୩

**ଦୃଷ୍ଟିପାତ**
କେନ୍ଦୁଝରରେ ଜଙ୍ଗଲଜାତ ଦ୍ରବ୍ୟ ଭିତ୍ତିକ ଜୀବିକା ୧୪



**ପ୍ରକାଶନ**

RCDC

**ରିଜିଓନାଲ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**



ସର୍ବସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ପ୍ରକାଶିତ ଏହି ପତ୍ରିକାର କୌଣସି ଅଂଶ, ଫଟୋ, ତଥ୍ୟକୁ ଆଗ୍ରହୀ ସଂସ୍ଥା, ଗବେଷକ ତଥା ବ୍ୟକ୍ତିବିଶେଷ ବ୍ୟବହାର କରିପାରିବେ । ତେବେ ବ୍ୟବହାର ବା ପ୍ରକାଶନ ପୂର୍ବରୁ ଏହାର ଉତ୍ସ ଉଲ୍ଲେଖ କରିବା ସହିତ ପ୍ରକାଶିତ ସଂଖ୍ୟାକୁ ଆମ ନିକଟକୁ ପ୍ରେରଣ କଲେ ଆମେ ଖୁସି ହେବୁ ।



**ସମ୍ପାଦନା ମଣ୍ଡଳୀ**
ଦିଲ୍ଲୀପ ସୁବୁଦ୍ଧି
ସବ୍ୟସାଚୀ ରଥ
ବିକାଶ ରଥ
ହେମନ୍ତ ବାଗ୍

**ଅକ୍ଷର ଓ ଅଙ୍ଗସଜ୍ଜା**
ଭାଗ୍ୟରଥି ସାହୁ


## ସମ୍ପାଦକୀୟ...

### ଉଦ୍ୟୋଗ ଜଗତର ମହାନିଦ୍ରା ଭାଙ୍ଗୁ

ପାତାଳଗରୁଡ଼ ଚେର ଠାରୁ ଭୂଇଁ ନିମ୍ବ ଯାଏଁ ସାହାଜ ଠାରୁ ଶିଆଳି ଦଉଡ଼ି ଯାଏଁ ଅନେକ ବନଜାତ ଦ୍ରବ୍ୟକୁ ନେଇ ଉଦ୍ୟୋଗ ଜଗତ ପ୍ରସିଦ୍ଧି ଓ ବିତ୍ତ ଠୁଳ କରିପାରିଥିଲେ ସୁଦ୍ଧା ବନଜାତ ଦ୍ରବ୍ୟର ନୂଆ ନୂଆ ବ୍ୟବହାର ଦିଗରେ ଗବେଷଣା ପାଇଁ କାର୍ପଣ୍ୟ ପ୍ରକାଶ କରିଆସିଛି ।

ଡାବର, ହିମାଳୟ, ଆୟୁମେଡ଼ ଭଳି ସୁପ୍ରସିଦ୍ଧ ସଂସ୍ଥାମାନେ ବନଜାତ ଦ୍ରବ୍ୟର କ୍ରେତା ସତ, ହେଲେ ଚିରନ୍ତନ ସଂଗ୍ରହ ଓ ଗୁଣାତ୍ମକମାନ ବଜାୟ ରଖିବା ପାଇଁ ସଂଗ୍ରହକାରୀଙ୍କୁ ପ୍ରଶିକ୍ଷଣ ଦେବା ଦିଗରେ ଖର୍ଚ୍ଚ କରିବାକୁ କୁଣ୍ଠା ପ୍ରକାଶ କରୁଛନ୍ତି । ଯଦି ଏହା ଅବ୍ୟାହତ ରହେ ତେବେ ଜଙ୍ଗଲ କ୍ଷେତ୍ରର ବିନାଶ ଘଟିବ ଏବଂ କଞ୍ଚାମାଲର ସଙ୍କଟକୁ ଉଦ୍ୟୋଗ ଜଗତ ବେଶୀ ମାତ୍ରାରେ ଅନୁଭବ କରିବ ।

ସଂଗ୍ରହାଞ୍ଚଳରେ ବନୀକରଣ, ବନ ପରିଚାଳନା ପାଇଁ ଲାଭାଂଶ ବିନିଯୋଗ, ପ୍ରକ୍ରିୟାକରଣ ଦିଗରେ ପ୍ରଶିକ୍ଷଣ ଓ ସହନୀୟ ଆହରଣ ଦିଗରେ ଉଦ୍ୟୋଗ ଜଗତ ଦୃଷ୍ଟି ଦେବାର ସମୟ ଆସିଛି ।

ସୁଖର ବିଷୟ ଯେ 'ନ୍ୟାଚୁରାଲ ରିମେଡ଼ି' ଭଳି କିଛି ସଂସ୍ଥା ଏ ଦିଗରେ କିଛି ଉଦ୍ୟମ ଓ ସହଯୋଗ କରୁଛନ୍ତି, କିନ୍ତୁ ଯେତିକି କରାଯିବା କଥା, ତା' ତୁଳନାରେ ଏହାର ସ୍ଥାନ ସାମାନ୍ୟ ମାତ୍ର । ପରିସ୍ଥିତି ନିୟନ୍ତ୍ରଣ ହରାଇବା ପୂର୍ବରୁ ଉଦ୍ୟୋଗ ଜଗତ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହୋଇପାରିଲେ ସେମାନଙ୍କର ନିଜର ଉପକାର ହେବା ସହିତ ପରିବେଶ ଓ ସଂଗ୍ରହକାରୀ ମଧ୍ୟ ଉପକୃତ ହେବେ ।

## ପାଠକ ପାଠିକାମାନଙ୍କୁ ପଦେ...

**'ଝାର୍‌ଦରବ୍'**ର ପ୍ରକାଶନ ସମ୍ପର୍କିତ ଆବଶ୍ୟକ ମତାମତ ଦେଇ ପତ୍ରିକାଟିକୁ ସମୃଦ୍ଧ କରିବା ନିମନ୍ତେ ଏହାର ପାଠକ ପାଠିକାମାନଙ୍କୁ ଅନୁରୋଧ । ଆଞ୍ଚଳିକ ସ୍ତରରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ସମ୍ପର୍କିତ ଘଟଣା/ଉଦ୍ୟମ/ସମସ୍ୟା ଜନିତ ଲେଖାଗୁଡ଼ିକ ଏଥିରେ ସ୍ଥାନିତ କରାଯିବ । ଏତଦ୍‌ବ୍ୟତୀତ, ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ, ପ୍ରକ୍ରିୟାକରଣ, ବ୍ୟବସାୟ ଜନିତ କୌଣସି ସଫଳ ଉଦ୍ୟମକୁ ମଧ୍ୟ ଏହି ପତ୍ରିକା ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରାଯିବ । ଏଭଳି ଉଦ୍ୟମ ବିଷୟରେ ସୂଚନା ଦେବା ସହ ଏଥି ନିମନ୍ତେ ଲେଖା ପଠାଇବାକୁ ଅନୁରୋଧ ।

ଆପଣଙ୍କ ସହଯୋଗ ଅପେକ୍ଷାରେ...

**ସଂପାଦନାମଣ୍ଡଳୀ**

# 'ପେସା' ଅଞ୍ଚଳରେ ଲଘୁବନଜାତ ଦ୍ରବ୍ୟ କାରବାର: ଐତିହାସିକ ଅନ୍ୟାୟର ଅନ୍ତ ଘଟିଛି ତ ?

**ଚାହୁଁନାହାନ୍ତି ସରକାର**

ଅନୁସୂଚିତ ଅଞ୍ଚଳକୁ ପଞ୍ଚାୟତିରାଜ ସଂପ୍ରସାରଣ ଆଇନ୍ ଓ ଜଙ୍ଗଲ ଅଧିକାର ଆଇନ୍‌କୁ ସରକାର ଖାତିର କରୁନାହାନ୍ତି । ଏହି ଦୁଇ ପ୍ରମୁଖ ଆଇନ୍‌ରେ ଲଘୁ ବନଜାତ ଦ୍ରବ୍ୟର ପରିଚାଳନା ଓ ମାଲିକାନା ଗ୍ରାମସଭା ହାତରେ ନ୍ୟସ୍ତ ପାଇଁ ସ୍ପଷ୍ଟ ସୂଚନା ସତ୍ତ୍ୱେ ବି ସରକାର ପ୍ରମୁଖ ରାଜସ୍ୱ ପାଉଥିବା ବାଉଁଶ ଏବଂ କେନ୍ଦୁ ପତ୍ରକୁ ଅଦ୍ୟାବଧି ନିଜ ନିୟନ୍ତ୍ରଣରେ ରଖିଛନ୍ତି । ଗ୍ରାମ ପଞ୍ଚାୟତଗୁଡ଼ିକର ସାମର୍ଥ୍ୟ ଗଠନ ହୋଇପାରୁ ନଥିବାର ଆଳ ଦେଖାଇ ସରକାର ଏଦିଗରେ ସାମାନ୍ୟ ପ୍ରକ୍ରିୟା ବି ଆରମ୍ଭ କରିନାହାନ୍ତି ।

'ପେସା' ଆଇନ ସମସ୍ତ ଅନୁସୂଚିତ ଅଞ୍ଚଳ ଲାଗି ପ୍ରଯୁଜ୍ୟ ଏବଂ ଏହି ଅଞ୍ଚଳର ରାଜନୈତିକ ତଥା ପ୍ରଶାସନିକ ମର୍ଯ୍ୟାଦା ବଢ଼ାଉଥିବାରୁ ଅନୁସୂଚିତ ଅଞ୍ଚଳଗୁଡ଼ିକୁ 'ପେସା' ଅଞ୍ଚଳ ବୋଲି ମଧ୍ୟ କୁହାଯାଉଛି ।

ଓଡ଼ିଶାରେ ୨୦୦୧ ଜନଗଣନା ଅନୁଯାୟୀ ୮୧,୪୫,୦୮୧ ଅନୁସୂଚିତ ଜନଜାତିର ଲୋକ ବସବାସ କରିଥାଆନ୍ତି । ରାଜ୍ୟ ଜନସଂଖ୍ୟା ମଧ୍ୟରୁ ଏମାନଙ୍କ ସଂଖ୍ୟା ୨୧.୧ ପ୍ରତିଶତ । ରାଜ୍ୟରେ ସଂପୂର୍ଣ୍ଣଭାବେ ୫ଟି ପେସା ଜିଲ୍ଲା ଏବଂ ଆଂଶିକ ଭାବେ ୭ଟି 'ପେସା' ଜିଲ୍ଲା ରହିଛି । ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ମୟୁରଭଞ୍ଜ, ତଥା ସୁନ୍ଦରଗଡ଼ ଜିଲ୍ଲା ସଂପୂର୍ଣ୍ଣ ପେସା ଜିଲ୍ଲା ଭାବେ ଘୋଷଣା କରାଯାଇଥିବା ବେଳେ କୋରାପୁଟ, ସମ୍ବଲପୁର, କେନ୍ଦୁଝର, କନ୍ଧମାଳ, ଗଞ୍ଜାମ, କଳାହାଣ୍ଡି ଓ ବାଲେଶ୍ୱର ଜିଲ୍ଲାକୁ ଆଂଶିକ 'ପେସା' ଜିଲ୍ଲା ଭାବେ ସ୍ୱୀକୃତି ଦିଆଯାଇଛି । ଅନୁସୂଚିତ ଅଞ୍ଚଳକୁ ପଞ୍ଚାୟତିରାଜ ସଂପ୍ରସାରଣ ଆଇନ୍ (ପେସା) ୧୯୯୬ ଅନୁଯାୟୀ କେନ୍ଦୁପତ୍ର, ବାଉଁଶ ସମେତ ସମସ୍ତ ଲଘୁବନଜାତ ଦ୍ରବ୍ୟର ମାଲିକାନା ଓ ପରିଚାଳନା ଦାୟିତ୍ୱ ଗ୍ରାମସଭା ହାତରେ ନ୍ୟସ୍ତ କରାଯାଇଛି । ଏତଦ୍ ବ୍ୟତୀତ ଜଙ୍ଗଲ ଅଧିକାର ଆଇନ୍ ମଧ୍ୟ ଏ କଥାକୁ ପରିପୁଷ୍ଟ କରିଛି । ଏହି ଦୃଷ୍ଟିରୁ ଦେଖିଲେ ରାଜ୍ୟରେ କେନ୍ଦୁପତ୍ର, ବାଉଁଶ, ଶାଳମଞ୍ଜି, ମହୁଲ, ତେନ୍ତୁଳି, ଲାଖ ଆଦି ସମସ୍ତ ଦ୍ରବ୍ୟକୁ ନିୟନ୍ତ୍ରଣ ଓ ପରିଚାଳନା ପାଇଁ ଗ୍ରାମସଭାଗୁଡ଼ିକର ସାମର୍ଥ୍ୟ ଗଠନ ସହ ଦାୟିତ୍ୱ ଅର୍ପଣ କରିଦେବା କଥା କିନ୍ତୁ ସରକାର ଏପର୍ଯ୍ୟନ୍ତ ମହୁଲ ଉପରେ ବିହାର-ଓଡ଼ିଶା ଅଧିକାରୀ ଆଇନ୍‌ର କଟକଣା ରଖିଛନ୍ତି । ଲାଖ ଏକ କୀଟର ଶୁଖି ଯାଉଥିବା ରସ ହୋଇଥିବା ସତ୍ତ୍ୱେ ଲାଖର ପରିବହନ ଉପରେ କଟକଣା ବଳବତ୍ତର ରଖାଇଛନ୍ତି । କେନ୍ଦୁପତ୍ର ଓ ବାଉଁଶର ପରିଚାଳନା ତଥା ନିୟନ୍ତ୍ରଣ ଧାରା ନିଜ ହାତରେ ରଖିଛନ୍ତି । କେନ୍ଦୁପତ୍ର ତୋଳାଳୀ ମାନଙ୍କୁ ରାଜ୍ୟସରକାର ନିଜ ଖୁସି ଅନୁଯାୟୀ ଲାଭାଂଶରେ ଅଂଶୀଦାର କରୁଛନ୍ତି । ଦାବୀ ମୁତାବକ ଅଂଶ ଦେଉନାହାନ୍ତି । କେନ୍ଦୁପତ୍ର ଲାଭାଂଶ ଅର୍ଥରେ ବନକ୍ଷେତ୍ର ଅପେକ୍ଷା ନଗରାଞ୍ଚଳର ବିକାଶ ପାଇଁ ଅର୍ଥ ବିନିଯୋଗ ହେଉଥିବାର ଅନେକ ନଜିର ରହିଛି । ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ଗୁଡ଼ିକରେ ଲଘୁବନଜାତ ଦ୍ରବ୍ୟ ସଂଗ୍ରହାଧିକାର ବନବାସିନ୍ଦାମାନଙ୍କୁ ଦିଆଯାଇନାହିଁ । ଶିମିଳିପାଳ, ସାତକୋଶିଆ ସମେତ ୧୮ଟି ଅଭୟାରଣ୍ୟ ଓ ଦୁଇଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳରେ ବନଜାତ ଦ୍ରବ୍ୟ ସଂଗ୍ରହ ଦିଗରେ କଟକଣା ବଳବତ୍ତର ରଖାଯାଇଛି । ଟସର ଖୋସା, ଲାଖ, ମହୁଲ, ଆମଠା ଅଠା, ଝୁଣା, ଆଦିର ସଂଗ୍ରହ, ପ୍ରକ୍ରିୟାକରଣ, ପରିବହନ କ୍ଷେତ୍ରରେ ଉଣା ଅଧିକେ କଟକଣା ରହିଥିବାରୁ ଚୋରାବେପାରୀମାନେ ଅଧିକ ଲାଭବାନ ହେଇଛନ୍ତି । ସରକାର କ୍ଷତିଗ୍ରସ୍ତ ଓ ସଂଗ୍ରହକାରୀ ଶୋଷିତ ହେଉଛନ୍ତି ।

ଅନୁସୂଚିତ ଅଂଚଳରେ ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିବା ଲାଖ ପ୍ରତି ସରକାର ତାଙ୍କ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ପାଇଁ ବାରମ୍ବାର ଦାବି ହୋଇଆସୁଛି । ରାଜ୍ୟର ସୁନ୍ଦରଗଡ଼, କନ୍ଧମାଳ, ରାୟଗଡ଼ା, ମୟୁରଭଞ୍ଜ, କେନ୍ଦୁଝର ଓ କନ୍ଧମାଳ ଜିଲ୍ଲାରେ ଟ୍ରାଇଫେଡ଼୍ ଓ ଆଇଟିଡିଏ ସହାୟତାରେ ବନ ବାସିନ୍ଦାମାନେ ଲାଖ ଚାଷ କରିଥାନ୍ତି । ସରକାରଙ୍କ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଲାଖ ଚାଷ ପାଇଁ ପ୍ରୋତ୍ସାହନ ଦେଉଥିବା ବେଳେ ବନବିଭାଗ ଲାଖ ପରିବହନ ବ୍ୟବସ୍ଥା ପ୍ରତି ପ୍ରତିବନ୍ଧକ ସୃଷ୍ଟି କରିଥାଏ । ଲାଖ ବିହନ ମିଳିବା କଷ୍ଟକର ହୋଇଥିବା ବେଳେ ଯଦିବା କେଉଁଠାରୁ ଏହା ଯୋଗାଡ଼ କରାଯାଏ, ବନ ବିଭାଗର ପରିବହନଜନିତ କଟକଣା ଯୋଗୁଁ ଏପରି ବି ଘଟିଛି ଯେ ବିହନ ଠିକ୍ ସମୟରେ ପହଞ୍ଚି ପାରିନାହିଁ, ସେଥିରେ ଥିବା ଲାଖକୀଟ ମରି

**ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଲଘୁବନଜାତ ଦ୍ରବ୍ୟ**

| ଅମଳ ଋତୁ | ସଂଗୃହିତ ଦ୍ରବ୍ୟ | ଅର୍ଥନୀତି | ପରାମର୍ଶ |
|---|---|---|---|
| ଜାନୁୟାରୀ-ମାର୍ଚ୍ଚ | ଲାଖ, ତେନ୍ତୁଳି ଓ ମହୁଲ | ୩୦ ଲକ୍ଷ ବନବାସିନ୍ଦା ଲାଖ ଚାଷ ଓ ଉତ୍ପାଦନ ସହ ଜଡ଼ିତ । ସମୁଦାୟ ଆଦିବାସୀଙ୍କ ମଧ୍ୟରୁ ୭୫ପ୍ରତିଶତ ମହୁଲ ସଂଗ୍ରହ ଓ ବିକ୍ରିବଟା ସହିତ ଜଡ଼ିତ, ମହୁଲ ବିକ୍ରିରୁ | • ଲାଖକୁ କୃଷିଜାତ ଦ୍ରବ୍ୟ ଭାବେ ଘୋଷଣା କରାଯାଇ ପରିବହନ କଟକଣା ଉଠାଇ ଦିଆଯିବା ଆବଶ୍ୟକ । <br>• ଲାଖକୁ ସୁହାଇଲା ଭଳି ବୃକ୍ଷ ଗୁଡ଼ିକର ବ୍ୟାପକ |

| | | | |
|---|---|---|---|
| | | ବାର୍ଷିକ ୩୦୦୦ରୁ ୮୦୦୦ ଟଙ୍କାର ରୋଜଗାର ହୋଇଥାଏ । ଦକ୍ଷିଣ ଓଡ଼ିଶାରେ ତେନ୍ତୁଳି ଏକ ଅତ୍ୟନ୍ତ ଲାଭଜନକ ଦ୍ରବ୍ୟ ।<br>ଲାଖ ପରିବହନ ଦିଗରେ କଟକଣା, ମହୁଲ ଗଚ୍ଛିତ ରଖାଯିବାରେ କଟକଣା ଓ ତେନ୍ତୁଳିର ମଞ୍ଜି ଛଡ଼ାଇବା ଓ ମଞ୍ଜିରୁ ଚୂର୍ଣ୍ଣ ପ୍ରସ୍ତୁତ କରିବା ଦିଗରେ ପ୍ରକ୍ରିୟା କରଣ ବ୍ୟବସ୍ଥା ନଥିବାରୁ ବନବାସିନ୍ଦା ମାନେ ଏହି ତନି ପ୍ରମୁଖ ଦ୍ରବ୍ୟରୁ ଆଶା କରୁଥିବା ଲାଭ ପାଇନଥାନ୍ତି । | ବନୀକରଣ ଆବଶ୍ୟକ ।<br>• ରାୟଗଡ଼ା, ଗଜପତି, କନ୍ଧମାଳ, କୋରାପୁଟ ଜିଲ୍ଲାରେ ତେନ୍ତୁଳି ମଞ୍ଜିରୁ ଚୂର୍ଣ୍ଣ ପ୍ରସ୍ତୁତ ଉଦ୍ୟୋଗ ଓ କେକ୍ ପ୍ରସ୍ତୁତି ୟୁନିଟ୍ ପାଇଁ ସମବାୟ ସଂସ୍ଥାଗୁଡ଼ିକୁ ରିହାତି ବ୍ୟବସ୍ଥା କରାଯିବା ଆବଶ୍ୟକ ।<br>• ମହୁଲରୁ ଗୁଡ଼ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା କରାଯିବା ଆବଶ୍ୟକ ।<br>• ମହୁଲ ଗଚ୍ଛିତ ରଖାଯିବାରେ କଟକଣାକୁ ପ୍ରତ୍ୟାହୃତ କରାଯିବା ଆବଶ୍ୟକ । |
| ଅପ୍ରିଲ-ଜୁନ୍ | କେନ୍ଦୁପତ୍ର, ଚାରାମଞ୍ଜି ଓ ଶାଳମଞ୍ଜି । | ୩୦ କୋଟି ଲୋକ ଶାଳମଞ୍ଜି ଓ କେନ୍ଦୁପତ୍ର ଉପରେ ନିର୍ଭରଶୀଳ । ୭୫ ଲକ୍ଷ ଲୋକଙ୍କୁ କେନ୍ଦୁପତ୍ରରୁ ୯୦ଦିନ କାମ ମିଳିଥାଏ । ୩୦ ଲକ୍ଷ ଲୋକ କେନ୍ଦୁପତ୍ରରୁ ବିଡ଼ି ବୋଲି ଜୀବିକା ନିର୍ବାହ କରନ୍ତି | କେନ୍ଦୁପତ୍ର ପରିଚାଳନା ଦାୟିତ୍ୱ ସମବାୟ ଢ଼ାଞ୍ଚାରେ କରାଯାଉ । କେନ୍ଦୁପତ୍ରର ଅନ୍ୟାନ୍ୟ ବ୍ୟବହାର ବିକଶିତ କରାଯାଇ ଶାଳମଞ୍ଜିରୁ ତେଲ ପ୍ରକ୍ରିୟାକରଣ ୟୁନିଟ୍ ସହ ଚିରୋଞ୍ଜି ମଞ୍ଜିର ସ୍ଥାନୀୟ ପ୍ରକ୍ରିୟାକରଣ ୟୁନିଟ୍ ପାଇଁ ବୈଷୟିକ ସହାୟତା ଦିଆଯାଉ । ଶାଳ ମଞ୍ଜି ତେଲର ଲହୁଣିକୁ ଚକୋଲେଟ ତିଆରିରେ ବ୍ୟବହାର ପାଇଁ ଅନୁମତି ମିଳୁ । |

| **ରାଜ୍ୟ** | **କେନ୍ଦୁପତ୍ର** | **ବାଉଁଶ** | **ଅନ୍ୟାନ୍ୟ ଦ୍ରବ୍ୟ** |
|---|---|---|---|
| ଓଡ଼ିଶା | ଓଡ଼ିଶା ବନ ଉନ୍ନୟନ ନିଗମ ଏବଂ ବନ ବିଭାଗ | ଓଡ଼ିଶା ବନ ଉନ୍ନୟନ ନିଗମ ଓ ବନ ବିଭାଗ | ଗ୍ରାମ ପଞ୍ଚାୟତରେ ଦ୍ରବ୍ୟ ପ୍ରତି ୧୦୦ ଟଙ୍କା ଦେଇ ନିଜକୁ ପଞ୍ଜିକୃତ କରିଥିବା କ୍ରେତା ଦ୍ରବ୍ୟ କ୍ରୟ କରିପାରିବେ । ତେବେ ଏହା କେବଳ ୬୯ଟି ଲଘୁ ବନଜାତ ଦ୍ରବ୍ୟ ପାଇଁ । ଅଠା, ବେତ, ଝୁଣା, ଛାଲି ଇତ୍ୟାଦିର ବ୍ୟାବସାୟିକ ସଂଗ୍ରହ ପାଇଁ ଅନୁମତି ନାହିଁ । |
| ଝାଡ଼ଖଣ୍ଡ | ଝାଡ଼ଖଣ୍ଡ ରାଜ୍ୟ ବନ ଉନ୍ନୟନ ନିଗମ | କାର୍ଯ୍ୟକାରୀ ଯୋଜନା ମଞ୍ଜୁର ହୋଇ ନଥିବାରୁ ବାଉଁଶ ଅମଳ ବନ୍ଦ ରହିଛି | ମୁକ୍ତ ବଜାର |
| ମଧ୍ୟପ୍ରଦେଶ | ମଧ୍ୟପ୍ରଦେଶ ରାଜ୍ୟ ଲଘୁ ବନଜାତଦ୍ରବ୍ୟ ବିପଣନ ଓ ବିକାଶ ସମବାୟ ମହାସଂଘ ଲିମିଟେଡ୍ | ରାଜ୍ୟ ବନବିଭାଗ | ଶାଳ ମଞ୍ଜି, ହରିଡ଼ା, କୁଲୁ (ଗେଣ୍ଡୁଲି) ଅଠା ଉପରେ ଏକଚାଟିଆ ନିୟନ୍ତ୍ରଣ ମଧ୍ୟପ୍ରଦେଶ ରାଜ୍ୟ ଲଘୁ ବନଜାତ ଦ୍ରବ୍ୟ ବିପଣନ ଓ ବିକାଶ ସମବାୟ ମହାସଂଘ ଲିମିଟେଡ୍‌ର ରହିଛି । |

ଯାଇଛନ୍ତି ଓ ତା' ଆଉ କାମରେ ଲାଗିପାରି ନାହିଁ । ଓଡ଼ିଶା ସରକାର ଏଭଳି ତୃଟି ପାଇଁ କ୍ଷତିପୂରଣ ମଧ ଦିଅନ୍ତି ନାହିଁ ।

ଗୁଜୁରାଟ ଓ ଓଡ଼ିଶା ସରକାର କେନ୍ଦୁପତ୍ର ତୋଳାଳୀଙ୍କୁ ଲାଭାଂଶ ଦେଇନଥାନ୍ତି । କେନ୍ଦୁ ପତ୍ର ବାବଦକୁ ମିଳୁଥିବା ଲାଭାଂଶକୁ ତୋଳାଳୀଙ୍କୁ ନଦେଇ ପଞ୍ଚାୟତିରାଜ ସଂସ୍ଥା ମଧରେ ବାଣ୍ଟିଦେବା ଏହି ଦୁଇ ରାଜ୍ୟରେ ଚାଲିଛି । ଅନ୍ୟ ରାଜ୍ୟଗୁଡ଼ିକରେ ତୋଳାଳୀମାନେ ଲାଭାଂଶ ପାଇଥାଆନ୍ତି । ଯଦି କେନ୍ଦୁପତ୍ର ବିକ୍ରୀଲବ୍ଧ ଲାଭାଂଶ ଗରିବ ତୋଳାଳୀଙ୍କ ନିକଟକୁ ଯାଉଥାଆନ୍ତା ତେବେ ସେମାନଙ୍କ ଆର୍ଥିକ ସ୍ଥିତିରେ ଢେର ପରିବର୍ତ୍ତନମାନ ଦେଖିହୁଅନ୍ତା । ବନବିଭାଗ ବାଉଁଶକୁ ବୃକ୍ଷ ବୋଲି ବିବେଚିତ କରୁଥିବାବେଳେ ଉଦ୍ଭିଦ ବିଜ୍ଞାନରେ ଏହାକୁ ଘାସ ବୋଲି ପରିଚିତ ଦିଆଯାଇଛି । ଏବଂ ବାଉଁଶ ଏକ ଲଘୁ ବନଜାତ ଦ୍ରବ୍ୟ ବୋଲି ଜଙ୍ଗଲ ଅଧିକାର ଆଇନ ମଧ କହିଛି, ତଥାପି ଓଡ଼ିଶାରେ ଶାଳିଆ ଓ କଣ୍ଟା ବାଉଁଶ ବନ ବିଭାଗର କଟକଣାରେ ରହିଛି ଓ କାଗଜକଳ ମାନଙ୍କୁ ଏହାର ଲିଜ୍ ଦିଆଯାଉଛି ।

## ରାଜ୍ୟ ଭିତ୍ତିରେ ଲଘୁବନଜାତ ଦ୍ରବ୍ୟର ମାଲିକାନା

| ରାଜ୍ୟର ନାମ | ପଞ୍ଚାୟତିରାଜ ଆଇନ | ବାସ୍ତବତା |
|---|---|---|
| ଆନ୍ଧ୍ର ପ୍ରଦେଶ | ଗ୍ରାମ ପଞ୍ଚାୟତ ହାତରେ ମାଲିକାନା | ରାଜ୍ୟ ହାତରେ ମାଲିକାନା |
| ମଧ୍ୟ ପ୍ରଦେଶ | ବ୍ୟବସ୍ଥା କିଛି ନାହିଁ | କେନ୍ଦୁପତ୍ର ସଂଗ୍ରହ ଏବଂ ବିପଣନ ପାଇଁ ଏଜେଣ୍ଟ ନିଯୁକ୍ତି କରିବାର କ୍ଷମତା ରାଜ୍ୟ ନିଜ ହାତରେ ରଖିଛି । |
| ମହାରାଷ୍ଟ୍ର | ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନକୁ ବାଦ୍ ଦେଇ ୩୩ଟି ବନଜାତ ଦ୍ରବ୍ୟ ଉପରେ ପଞ୍ଚାୟତର ମାଲିକାନା | ସରକାରୀ ସଂସ୍ଥା ଏମଏସସିଟିଡିସି ହାତରେ ନିରଙ୍କୁଶ କ୍ଷମତା |
| ଝାରଖଣ୍ଡ | ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ଦ୍ୱାରା ପରିଚାଳନା | କେନ୍ଦୁପତ୍ର ଉପରେ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ |
| ଓଡ଼ିଶା | ଗ୍ରାମ ପଞ୍ଚାୟତଗୁଡ଼ିକ ହାତରେ ୬୯ଟି ଦ୍ରବ୍ୟର ମାଲିକାନା/ ପରିଚାଳନା | • କେନ୍ଦୁପତ୍ର, ବାଉଁଶ ଉପରେ କଟକଣା ; ଜାତୀୟ ଉଦ୍ୟାନ/ ଅଭୟାରଣ୍ୟରୁ ଦ୍ରବ୍ୟ ସଂଗ୍ରହ ଉପରେ କଟକଣା<br>• ଲାଖ ପରିବହନ ଓ ମହୁଲ ରଖିବା ପରିମାଣକୁ ନେଇ କଟକଣା |
| ଗୁଜରାଟ | ଗ୍ରାମ ପଞ୍ଚାୟତଗୁଡ଼ିକ ହାତରେ ମାଲିକାନା/ପରିଚାଳନା | ଗୁଜୁରାଟ ରାଜ୍ୟ ବନ ବିକାଶ କର୍ପୋରେସନ ହାତରେ ଜାତୀୟକରଣ ଦ୍ରବ୍ୟର ନିୟନ୍ତ୍ରଣ |

| ରାଜ୍ୟ | ଦ୍ରବ୍ୟର ନାମ |
|---|---|
| ଆନ୍ଧ୍ର ପ୍ରଦେଶ | ବାଉଁଶ, କେନ୍ଦୁପତ୍ର ସହ ୨୫ଟି ବନଜାତ ଦ୍ରବ୍ୟ |
| ଛତିଶଗଡ଼ | ବାଉଁଶ, କେନ୍ଦୁପତ୍ର, ଶାଳମଞ୍ଜି, ଖଇର, ବବୁଲ |
| ଗୁଜରାଟ | ବାଉଁଶ, କେନ୍ଦୁପତ୍ର, ବିଭିନ୍ନ ପ୍ରକାର ଅଠା |
| ମହାରାଷ୍ଟ୍ର | ବାଉଁଶ, କେନ୍ଦୁପତ୍ର, ଅପଟା ଅଠା ଏବଂ ୩୩ଟି ଅନ୍ୟାନ ଦ୍ରବ୍ୟ |
| ମଧ୍ୟ ପ୍ରଦେଶ | ବାଉଁଶ, କେନ୍ଦୁପତ୍ର, ଶାଳ ମଞ୍ଜି, ଲାଖ ଓ ଝୁଣା |
| ରାଜସ୍ଥାନ | ବାଉଁଶ, କେନ୍ଦୁ ଓ ଅନ୍ୟାନ ଦ୍ରବ୍ୟ |
| ଓଡ଼ିଶା | ବାଉଁଶ ଓ କେନ୍ଦୁପତ୍ର<br>(ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନର ସମସ୍ତ ବନଜାତ ଦ୍ରବ୍ୟ) |
| ଝାଡ଼ଖଣ୍ଡ | କେନ୍ଦୁପତ୍ର |

ପେସା ଓ ଜଙ୍ଗଲ ଅଧିକାର ଆଇନ ଏକ କେନ୍ଦ୍ରୀୟ ଆଇନ ହୋଇଥିଲେ ସୁଦ୍ଧା ବିଭିନ୍ନ ରାଜ୍ୟ ସରକାର ନିମ୍ନୋକ୍ତ ସାରଣୀ ପ୍ରକାରେ ଦ୍ରବ୍ୟଗୁଡ଼ିକର ପରିଚାଳନା ପୂର୍ବବତ୍ ଜାରି ରଖିଛନ୍ତି:

ଛତିଶଗଡ଼ରେ ମହାସଂଘ ଜରିଆରେ କେନ୍ଦୁପତ୍ରର ବିପଣନ ହେଉଛି । ଅଧିକାଂଶ କ୍ରେତା ସିଧାସଳଖ ସଂଗ୍ରହକାରୀଙ୍କ ଠାରୁ ପତ୍ର କିଣି ନିଅନ୍ତି । ମହାସଂଘ ଏପରି ବେପାରୀମାନଙ୍କୁ ନିୟନ୍ତ୍ରଣ କରିପାରେନି । ମହାରାଷ୍ଟ୍ରର ସଂଗ୍ରହକାରୀମାନେ ଖୋଲା ବଜାରରେ ଚୋରାରେ ଦ୍ରବ୍ୟ ବିକ୍ରୀ କରିବାକୁ ବାଧ

## ପେସା ଅଞ୍ଚଳରେ ବନଜାତ ଦ୍ରବ୍ୟର କ୍ରୟକାରୀ ସଂସ୍ଥା

| ରାଜ୍ୟର ନାମ | କେନ୍ଦୁପତ୍ର | ବାଉଁଶ | ଅନ୍ୟାନ୍ୟ ଦ୍ରବ୍ୟ |
|---|---|---|---|
| ଆନ୍ଧ୍ର ପ୍ରଦେଶ | ଆନ୍ଧ୍ର ପ୍ରଦେଶ ବନ ବିକାଶ କର୍ପୋରେସନ | ରାଜ୍ୟ ବନ ବିଭାଗ ଅମଳର ନିୟନ୍ତ୍ରଣ ରଖିଛି । ଯେଉଁଠି ଯୁଗ୍ମ ଜଙ୍ଗଲ ପରିଚାଳନାରେ ବନ ସଂରକ୍ଷଣ ସମିତି ରହିଛି ସେଠାରେ ଅଂଶଧନ ଦିଆଯିବାର ବ୍ୟବସ୍ଥା କରାଯାଇଛି । | ୨୫ଟି ଦ୍ରବ୍ୟର କିଣାବିକା ଉପରେ ଗିରିଜନ କୋଅପରେଟିଭ କର୍ପୋରେସନର ଏକଚାଟିଆ ଭୂମିକା ରହିଛି । |
| ଛତିଶଗଡ଼ | ଛତିଶଗଡ଼ ରାଜ୍ୟ ଲଘୁ ବନଜାତ ଦ୍ରବ୍ୟ ଓ ବିକାଶ ସମବାୟ ସମିତି | ରାଜ୍ୟ ବନ ବିଭାଗ | ଶାଳ ମଞ୍ଜି, ହରିଡ଼ା ଏବଂ ଅଠାର ଏକଚାଟିଆ କାରବାର ଛତିଶଗଡ଼ ରାଜ୍ୟ ଲଘୁ ବନଜାତ ଦ୍ରବ୍ୟ ବିପଣନ ଓ ବିକାଶ ସମବାୟର ରହିଛି । |

| ଅମଳ ଋତୁ | ସଂଗୃହୀତ ଦ୍ରବ୍ୟ | ଅର୍ଥନୀତି | ପରାମର୍ଶ |
|---|---|---|---|
| ଜୁଲାଇ-ସେପ୍ଟେମ୍ବର | ଟୋଲ, ଟସର, ବେତ, ବାଉଁଶ | ୧କୋଟି ଲୋକ ବାଉଁଶରୁ ଜୀବିକାର୍ଜନ କରନ୍ତି । ୧,୨୬,୦୦୦ ପରିବାର ଟସର ଚାଷ ସହ ସଂଶ୍ଳିଷ୍ଟ । ରାଜ୍ୟର ୭୦ ପ୍ରତିଶତ ଆଦିବାସୀ ଟୋଲ ତେଲକୁ ବ୍ୟବହାର କରନ୍ତି ।<br>ବେତ ଉତ୍ପାଦନ ହ୍ରାସ ପାଇଛି । ରୋଜଗାର ବୃଦ୍ଧି ଯାଇଛି । | ବାଉଁଶର ପରିଚାଳନା ଗ୍ରାମସଭା ହାତରେ ଦିଆଯାଉ । ବାଉଁଶ କ୍ଲଷ୍ଟରଗୁଡ଼ିକ ଚିହ୍ନଟ କରାଯାଇ କୁଟୀର ଶିଳ୍ପ ବ୍ୟବସ୍ଥା ଓ ବଜାର ସଂଯୋଗୀକରଣ କରାଯାଉ । ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ଶିରୋନାମା ପ୍ରାପ୍ତ ଜମିର ଏକ ଦଶମାଂଶ ଯାଗାକୁ ବେତ ବାଉଁଶର ଚାରା ଯୋଗାଇଦେବା ଦିଗରେ ସରକାର ପଦକ୍ଷେପ ନିଅନ୍ତୁ । |
| ଅକ୍ଟୋବର - ନଭେମ୍ବର | ଲାଖ<br>ବିଭିନ୍ନ ପ୍ରକାର ଅଠା<br>ଝୁଣା<br>ମହୁ | ଅଠା ସଂଗ୍ରହରୁ ୩ଲକ୍ଷ ବ୍ୟକ୍ତି/ପରିବାରଙ୍କ ଶ୍ରମ ଦିବସ ବିନିଯୋଗ ହୋଇଥାଏ ।<br>• ଅଠା ଓ ଝୁଣା ସଂଗ୍ରହ ଉପରେ ଆମ ରାଜ୍ୟରେ କଟକଣା କରାଯାଇଛି ।<br>• ମହୁ ପ୍ରକ୍ରିୟାକରଣ ୟୁନିଟ୍ ଆବଶ୍ୟକ ସଂଖ୍ୟାରେ ନାହିଁ । | ଆମ ଅଠା ଏକ ଗୁରୁତ୍ୱପୂର୍ଣ୍ଣ ଅଠା । କେଜି ପ୍ରତି ଏହାର ମୂଲ୍ୟ ୨୦ ଟଙ୍କାରୁ ଉର୍ଦ୍ଧ୍ୱ । ଭରଡ଼ା ଗଛରୁ ନିଷ୍କାସିତ ଏହି ଅଠାକୁ ଜଙ୍ଗଲରେ ମାଙ୍କଡ଼ମାନେ ଖାଇଥାଆନ୍ତି ଏବଂ ବେପାରୀମାନେ ଚୋରା କାରବାର କରି ଲାଭ ପାଇଥାଆନ୍ତି । ଚିରନ୍ତନ ଅମଳ କୌଶଳକୁ ଅନୁସରଣ କରି ସଂଗ୍ରହ ଓ ବିକ୍ରୀ ବ୍ୟବସ୍ଥାକୁ ନିୟନ୍ତ୍ରିତ କରାଯାଇପାରିଲେ ସଂଗ୍ରହକାରୀମାନେ ଉପକୃତ ହୋଇପାରନ୍ତେ । |

ହୁଅନ୍ତି । ମହାରାଷ୍ଟ୍ର ରାଜ୍ୟ ସମବାୟ ଆଦିବାସୀ ବିକାଶ ସଂସ୍ଥା ୩୩ଟି ଦ୍ରବ୍ୟ ଉପରେ ନିରଙ୍କୁଶ କ୍ଷମତା ଜାହିର କରିଛନ୍ତି । କର୍ପୋରେସନ ୨୦୧୦ ଜରିଆରେ ହରିଡ଼ା କେଜି ପ୍ରତି ସଂଗ୍ରହକାରୀମାନଙ୍କୁ ୧୭ ଟଙ୍କା ଦେଉଥିବା ବେଳେ ବେପାରୀମାନେ ସଂଗ୍ରହକାରୀମାନଙ୍କୁ କେଜି ପ୍ରତି ୪୩ ଟଙ୍କା ପ୍ରଦାନ କରୁଥିଲେ । ଏଥିରୁ ସ୍ୱଷ୍ଟ ପ୍ରତୀୟମାନ ହେଉଛି ଯେ ସରକାର ପରିଚାଳନା ଓ ନିୟନ୍ତ୍ରଣ ବ୍ୟବସ୍ଥା ନିଜ ହାତରେ ରଖି ସଂଗ୍ରହକାରୀମାନଙ୍କୁ ସଠିକ୍ ମୂଲ୍ୟ ଓ ନ୍ୟାୟ ଦେଇପାରୁନାହାନ୍ତି କିମ୍ୱା ଆଇନ୍ ଅନୁଯାୟୀ ସଂଗ୍ରହକାରୀମାନଙ୍କ ହାତକୁ ପୂର୍ଣ୍ଣ କ୍ଷମତା ଅର୍ପଣ କରୁନାହାନ୍ତି ।

ମହୁଲ ବେଶୀ ସମୟ ରହେ ନାହିଁ । ୨-୩ ବର୍ଷ ପର୍ଯ୍ୟନ୍ତ ରଖିଲେ କଳା ପଡ଼ିଯାଏ ଏବଂ ବିକ୍ରି ହୁଏ ନାହିଁ । ମହୁକୁ ସାମାନ୍ୟ ପ୍ରକ୍ରିୟାକରଣ ପରେ ଅନେକ ଦିନ ରଖାଯାଇପାରେ । ମଞ୍ଜି ଲଗା ତେନ୍ତୁଳିରେ ପୋକ ଲାଗିଯାଏ ହେଲେ ମଞ୍ଜିଛଡ଼ା ଓ ଲୁଣ ଗୋଳା ତେନ୍ତୁଳି ବର୍ଷ ବର୍ଷଧରି ରହିଥାଏ । ଅନୁସୂଚିତ ଅଂଚଳରେ ୮୦ ପ୍ରତିଶତ ସଂଗ୍ରହକାରୀ ପ୍ରକ୍ରିୟା କରଣ କରି ବିକ୍ରି କରି ପାରନ୍ତି ନାହିଁ । ଭିତ୍ତିଭୂମିର ଅଭାବ, ସମ୍ୱଳର ଅଭାବ, ସୁବିଧା ସୁଯୋଗର ଅଭାବ, ଆଧୁନିକ ଜ୍ଞାନ କୌଶଳର ଅଭାବଯୋଗୁଁ ଜଙ୍ଗଲରୁ ସଂଗ୍ରହ କରିବାମାତ୍ରେ ସିଧାସଳଖ କଞ୍ଚାମାଲ ହିଁ ବିକ୍ରୀକରି ଦେଇଥାଆନ୍ତି । କେତେକ ଅର୍ଦ୍ଧ ପ୍ରକ୍ରିୟାକରଣ କରନ୍ତି । ବାଉଁଶ, କେନ୍ଦୁପତ୍ର, ମହୁଲ, ଶାଳପତ୍ର, ଶାଳମଞ୍ଜି, ଶିଆଳିପତ୍ର, ଫୁଲଝାଡୁ, ତେନ୍ତୁଳି, ଆଦିର ସଂଗ୍ରହରେ ସେମାନେ ପ୍ରମୁଖ ଧ୍ୟାନ ଦେଉଥିବା ବେଳେ ଅନ୍ୟ ସମସ୍ତ ଦ୍ରବ୍ୟ ଅତ୍ୟନ୍ତ ଗୌଣ ଭାବେ ଦେଖାଯାଏ ।

**ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱ ପୂର୍ଣ୍ଣ ବନଜାତ ଦ୍ରବ୍ୟର ବ୍ୟବସାୟ ଧାରା**

| କ୍ର.ସଂ. | ଦ୍ରବ୍ୟର ନାମ | ସମ୍ଭାବ୍ୟ ଉତ୍ପାଦନ | | ସମ୍ଭାବ୍ୟ ଅମଳ ଆକଳନ | |
|---|---|---|---|---|---|
| | | ଲକ୍ଷ ମେଟ୍ରିକ ଟନ୍ | କୋଟି ମୂଲ୍ୟ | ଲକ୍ଷ ମେଟ୍ରିକ ଟନ୍ | କୋଟି ମୂଲ୍ୟ |
| ୧. | ତେନ୍ତୁଳି | ୨.୦୦ | ୨୪୦.୦୦ | ୨.୦୦ | ୨୪୦.୦୦ |
| ୨. | ମହୁଲ | ୧.୫୦ | ୧୨୨.୦୦ | ୧.୦୦ | ୮୧.୦୦ |
| ୩. | ଟୋଲ | ୧.୦୦ | ୧୧୦.୦୦ | ୦.୫୦ | ୫୫.୦୦ |
| ୪. | ଶାଳ ମଞ୍ଜି | ୧.୬୦ | ୧୬୦.୦୦ | ୧.୦୦ | ୧୦୦.୦୦ |
| ୫. | କେନ୍ଦୁପତ୍ର | ୮୦ (ଷ୍ଟାଣ୍ଡାର୍ଡ଼) | ୧୦୪୦.୦୦ | ୪୦.୦୦ | ୫୨୦.୦୦ |
| ୬. | ବାଉଁଶ | ୪୮.୦୦ | ୧୨.୦୦ | ୧୨.୦୦ | ୩.୦୦ |
| ୭. | କରଞ୍ଜ ମଞ୍ଜି | ୦.୪୦ | ୪୦.୦୦ | ୦.୨୫ | ୨୫.୦୦ |
| ୮. | ଝୁଣା | ୧.୩୦ | ୭୮.୦୦ | ୦.୭୫ | ୪୫.୦୦ |
| ୯. | ଚିରୋଞ୍ଜି | ୦.୧୦ | ୨୩୦.୦୦ | ୦.୦୫ | ୧୧୦.୦୦ |
| ୧୦. | ଲାଖ | ୦.୨୫ | ୧୫୦.୦୦ | ୦.୨୦ | ୧୨୦.୦୦ |
| ୧୧. | ଅଠା | ୦.୦୫ | ୬୨.୦୦ | ୦.୦୩ | ୩୭.୦୦ |
| ୧୨. | ଜଙ୍ଗଲୀ ମହୁ | ୦.୩୦ | ୨୭୦.୦୦ | ୦.୨୫ | ୨୩୦.୦୦ |

(ଉତ୍ସ : ଟ୍ରାଇଫେଡ୍)

| ରାଜ୍ୟର ନାମ | ପଞ୍ଚାୟତ ଆଇନ | ଅସଲ ଅଭ୍ୟାସ |
|---|---|---|
| ରାଜସ୍ଥାନ | ଗ୍ରାମସଭା ହାତରେ ଲଘୁ ବନଜାତ ଦ୍ରବ୍ୟର ପରିଚାଳନା | ରାଜ୍ୟ ସରକାରଙ୍କ ହାତରେ କ୍ଷମତା । |
| ଛତିଶଗଡ଼ | ବ୍ୟବସ୍ଥା ନାହିଁ | କେନ୍ଦୁପତ୍ର ସଂଗ୍ରହ ଏବଂ ବିପଣନ ଏଜେଣ୍ଟ ଦ୍ୱାରା କରାଯିବା ନିଷ୍ପତ୍ତି ରାଜ୍ୟରେ ବଳବତ୍ତର ରହିଛି । |
| ହିମାଚଳ ପ୍ରଦେଶ | ଗ୍ରାମ ପଞ୍ଚାୟତ ହାତରେ କ୍ଷମତା | ଏଜେଣ୍ଟମାନଙ୍କ ଜରିଆରେ କିଣାବିକା । |



ସରକାରୀ ଆକଳନ ଅନୁଯାୟୀ ୨୦୦୯-୧୦ ବର୍ଷରେ ବାଉଁଶ ବ୍ୟତୀତ ୫୫୨.୩୭ କୋଟି ଟଙ୍କାର ଲଘୁବନଜାତ ଦ୍ରବ୍ୟ କାରବାର ହୋଇଥିଲା । ଏହାର ମୁଖ୍ୟ ଭାଗ କେନ୍ଦୁପତ୍ରରୁ ଆସିଥିଲା । ଉପରେ ଦର୍ଶାଯାଇଥିବା ସାରଣୀ ଅନୁଯାୟୀ ରାଜ୍ୟରେ ଉତ୍ପାଦନ ପରିମାଣ ଅନୁଯାୟୀ କେବଳ ତେନ୍ତୁଳି ହିଁ ସମାନ ପରିମାଣର ଅମଳ ହୋଇ ବିକ୍ରିବଟା ହୋଇଛି । ଅନ୍ୟ ସମସ୍ତ ଦ୍ରବ୍ୟର ସମ୍ଭାବ୍ୟ ଉତ୍ପାଦନଠାରୁ ଢେର୍ କମ୍ ବିକ୍ରିବଟା ହୋଇଛି । ଟୋଲ ଏକ ଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟ ହେଲେ ହେଁ ୫୦ ପ୍ରତିଶତ କମ୍ ଅମଳ ହେଇଥିବା ଟ୍ରାଇଫେଡର ଏକ ପରିସଂଖ୍ୟାନରୁ ଜଣାଯାଇଛି । କେନ୍ଦୁପତ୍ରରେ ମଧ୍ୟ ସମାନ ସ୍ଥିତି ରହିଛି । ବାଉଁଶର ସମ୍ଭାବ୍ୟ ଉତ୍ପାଦନ ଓ ସମ୍ଭାବ୍ୟ ଅମଳ ପରିମାଣରେ ଏକ ତୃତୀୟାଂଶ ଫରକ ରହିଛି । କେନ୍ଦୁପତ୍ର ଓ ବାଉଁଶର କାରବାର ସରକାରୀ ସଂସ୍ଥା ହାତରେ ରହୁଥିବାରୁ ଏ ଧରଣର ଫରକ ଦେଖିହେଉଛି ।

ଲଘୁବନଜାତ ଦ୍ରବ୍ୟର ସଂଜ୍ଞା ଜଙ୍ଗଲ ଅଧିକାର ଆଇନର ଧାରା ୨(୧)ରେ ଦର୍ଶାଇ ଦିଆଯାଇଛି । ଏଥିରେ କୁହାଯାଇଛି ବାଉଁଶ, ଝାଟି, ମୂଳ, ବେତ, ଟସର, ମହୁ, ମହମ, ଲାଖ, କେନ୍ଦୁପତ୍ର, ଆଦି ସମସ୍ତ ଅଣକାଠ ବୃକ୍ଷଜ ଅଂଶ । କିନ୍ତୁ କିଛି ନା କିଛି କାରଣ ଦର୍ଶାଇ ସରକାର ଏହି ଆଇନକୁ ମାନୁ ନାହାନ୍ତି ।

ଉପରୋକ୍ତ ସାରଣୀରୁ ରାଜ୍ୟ ସରକାର ମାନଙ୍କର ଗ୍ରାମ ପଞ୍ଚାୟତ ଗୁଡ଼ିକ ହାତରେ ଦାୟିତ୍ୱ ଦେବାର ମାନସିକତା ନଥିବା ସ୍ପଷ୍ଟ ପ୍ରତୀୟମାନ ହେଉଛି । ଯଦି ଆଇନ ତିଆରି କରୁଥିବା ପକ୍ଷ ଆଇନକୁ ସମ୍ମାନ ନଦେବେ ତେବେ କିଭଳି କହିବା ଯେ ଏକ ଐତିହାସିକ ଅନ୍ୟାୟର ଅନ୍ତ ପାଇଁ ସେମାନଙ୍କର ଆନ୍ତରିକତା ରହିଛି ବୋଲି ?

✧✧✧

## ମାଲିକାନା ବନାମ ନିୟନ୍ତ୍ରଣ

ଓଡ଼ିଶା ସରକାର ପେସା ଆଇନକୁ ଦୃଷ୍ଟିରେ ରଖି ୨୦୦୦ ମସିହାର ଅଣକାଷ୍ଠ ବନଜାତ ଦ୍ରବ୍ୟ ନୀତିରେ କହିଲେ ଯେ ଅନୁସୂଚିତ ଅଞ୍ଚଳର ଗ୍ରାମ ପଞ୍ଚାୟତମାନଙ୍କୁ ଲଘୁ ବନଜାତ ଦ୍ରବ୍ୟ ଉପରେ ମାଲିକାନା ମିଳିବ, କିନ୍ତୁ ଅନ୍ୟ ଅଞ୍ଚଳର ଗ୍ରାମ ପଞ୍ଚାୟତକୁ କେବଳ ନିୟନ୍ତ୍ରଣ ଅଧିକାର ମିଳିବ । ତେବେ, ଏହି 'ମାଲିକାନା' କ୍ଷମତାଟି କିପରି ବ୍ୟବହାର କରାଯାଇପାରିବ, ସେ ବିଷୟରେ ସରକାର ଚୁପ୍ ରହିଲେ ଏବଂ ଅନୁସୂଚିତ ଅଞ୍ଚଳର ପଞ୍ଚାୟତମାନେ ଏଇ ବିଶେଷାଧିକାରର ଯେପରି ସଦୁପଯୋଗ କରିବେ, ସେ ଦିଗରେ କୌଣସି ଚେଷ୍ଟା କଲେନାହିଁ । କେନ୍ଦ୍ର ସରକାର ଗଠନ କରିଥିବା ହକ୍ କମିଟି ଏଇ ମାଲିକାନା ପ୍ରସଙ୍ଗ ଉଠାଇଥିଲେ ମଧ ଏହାକୁ ଅସଂପୂର୍ଣ୍ଣ ରଖିଦେଲେ ଯଦିଓ ହକ୍ କମିଟିଙ୍କୁ ଆର୍‌ସିଡିସି ପକ୍ଷରୁ ଜଣାଇଦିଆଯାଇଥିଲା ଯେ, ଘରୋଇ ମାଲିକାନା ଓ ସର୍ବସାଧାରଣ ବା ଗୋଷ୍ଠୀ ସମ୍ପତ୍ତିର ମାଲିକାନା ସମାନ କଥା ହେବା ଉଚିତ ନୁହେଁ କାରଣ ଦ୍ୱିତୀୟଟିରେ ତତ୍ତ୍ୱାବଧାରକମାନଙ୍କ ଠାରୁ ଯଥେଷ୍ଟ ଅଧିକ ଦାୟିତ୍ୱ ଆଶା କରାଯାଏ । ପଞ୍ଚାୟତର ଲଘୁ ବନଜାତ ଦ୍ରବ୍ୟ କିପରି ଠିକ୍ ଭାବେ ମୂଲ୍ୟଯୁକ୍ତ ଓ ବିକ୍ରି ହୋଇପାରିବ, ତା'ର ଉତ୍ପାଦନ ଓ ସଂରକ୍ଷଣ କିପରି ଠିକ୍ ଭାବେ ହୋଇପାରିବ, ନିଲାମ ଦିଆଯିବା ଉଚିତ ହେବ ନା ଲିଜ ଦିଆଯିବା ଉଚିତ ହେବ, କେଉଁ ବ୍ୟବସାୟୀ ବା ସଂସ୍ଥା ସହିତ କିଭଳି ଚୁକ୍ତି କଲେ ପଞ୍ଚାୟତବାସୀ ସବୁ ଦିଗରୁ ଉପକୃତ ହେବେ- ଏଭଳି ଅନେକ ଦାୟିତ୍ୱବୋଧ ସହକାରେ ଗ୍ରାମ ପଞ୍ଚାୟତ ଏହି ମାଲିକାନା ଅଧିକାର ସାବ୍ୟସ୍ତ କରିବା ଉଚିତ୍ ।

# କିଭଳି ମିଳିବ ବନଜାତ ଦ୍ରବ୍ୟ ବିକ୍ରୀରୁ ଲାଭ

ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟ ଗୁଡ଼ିକରେ ସମୁଦାୟ ବନଜାତ ଦ୍ରବ୍ୟର ପାଖାପାଖି ୭୦ ପ୍ରତିଶତ ଅମଳ କରାଯାଏ। ସଂଗ୍ରହ, ପ୍ରକ୍ରିୟାକରଣ, ବିକ୍ରି ଆଦି କାର୍ଯ୍ୟକ୍ରମଗୁଡ଼ିକରେ ମହିଳା ଅଂଶୀଦାରମାନଙ୍କ ସଂଖ୍ୟା ଅଧିକ ରହୁଥିବା ବିଭିନ୍ନ ଆକଳନରୁ ଜଣାଯାଇଛି। ଶିକ୍ଷା, ବଜାର ସୂଚନା, ପ୍ରକ୍ରିୟାକରଣଜନିତ ଜ୍ଞାନ କୌଶଳ, ସୁବିଧା ଜନକ ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ଲଘୁ ବନଜାତ ଦ୍ରବ୍ୟ ବ୍ୟବସାୟର ଉନ୍ନତି ପାଇଁ ଏହି ବୃହତ ସଂଖ୍ୟାର ମହିଳା ସଂଗ୍ରହକାରୀମାନେ ଢ଼େର ପଛରେ ଅଛନ୍ତି। ଦେଶରେ ପାଖାପାଖି ୩୦୦୦ ପ୍ରକାର ପ୍ରଜାତିର ବୃକ୍ଷଜ ଅଂଶ ଜଙ୍ଗଲ ବାସିନ୍ଦାଙ୍କ ପାଇଁ ବ୍ୟବହାର ଯୋଗ୍ୟ ଓ ତା'ର ବଜାର ଚାହିଦା ଥିବାବେଳେ ୧୫୦ ପ୍ରକାର ପ୍ରଜାତିର ବୃକ୍ଷଜ ଅଂଶର କିଣାବିକା ବିଭିନ୍ନ ଉପାୟରେ କରାଯାଇଥାଏ। ଆମ ରାଜ୍ୟରେ ୬୯ଟି ଲଘୁ ବନଜାତ ଦ୍ରବ୍ୟର ପରିଚାଳନା ଦାୟିତ୍ୱ ଗ୍ରାମପଞ୍ଚାୟତଗୁଡ଼ିକ ହାତରେ ଅର୍ପଣ କରାଯାଇଛି। ଏହି ସମସ୍ତ ବନଜାତ ଦ୍ରବ୍ୟଗୁଡ଼ିକ ବିଶେଷତଃ ମହିଳାମାନଙ୍କ ଦ୍ୱାରା ସଂଗ୍ରହ ଓ ବିକ୍ରୀ କରାଯାଇଥାଏ। ପାରମ୍ପରିକ ଜ୍ଞାନକୁ ଆଧାର କରି ବନବାସିନ୍ଦାମାନେ ବିଭିନ୍ନ ଦ୍ରବ୍ୟ ସଂଗ୍ରହ କରିଥାନ୍ତି, ଆବଶ୍ୟକ ପ୍ରକ୍ରିୟାକରଣ କରିଥାନ୍ତି ଏବଂ ବଜାରରେ ବିକ୍ରି କରି ଦୁଇ ପଇସା ରୋଜଗାରର ଆଶା ମଧ୍ୟ ରଖିଥାନ୍ତି। କିନ୍ତୁ ଏହା ସବୁବେଳେ ସମ୍ଭବ ହୋଇଥାଏ କି ?

### ମାନ ଖରାପ କହି ବେପାରୀ ଦର କମାଉଛି

ବନଫୁଲ, ତୁଳସୀ ଓ ଜେମା-କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକର ମୁଣ୍ଡିଗଡ଼ ଗାଁରେ ଗୋଟିଏ ସାହିର ପାଖାପାଖି ଘରେ ରହନ୍ତି। ପାଖ ଜଙ୍ଗଲକୁ ଯାଇ ସେମାନେ ଶିଆଳି ପତ୍ର ଓ ଫୁଲଝାଡୁ ସଂଗ୍ରହ କରି ଆଣନ୍ତି। ଖରା କିମ୍ବା ଛାଇରେ ଶୁଖାଇବା ଭଳି ଅର୍ଦ୍ଧ ପ୍ରକ୍ରିୟାକରଣ କରି ଗାଁକୁ ଆସିଥିବା ବେପାରୀ କିମ୍ବା ସୋମବାରେ ହୋଇଥିବା ତୁମୁଡ଼ିବନ୍ଧ ହାଟରେ ନେଇ ବିକନ୍ତି। ଗତ ଫେବୃୟାରୀ ପ୍ରଥମ ସପ୍ତାହରେ ସେମାନେ କିଛି ଅର୍ଦ୍ଧ ପ୍ରକ୍ରିୟାକୃତ ଖୋଲା ଫୁଲଝାଡୁ ବିକ୍ରି କରିବା ପାଇଁ ନେଇଥିଲେ। ଖୋଲା ଫୁଲ ଝାଡୁର କେଜି ପ୍ରତି ବଜାର ଦର ୧୫ ଟଙ୍କା ଥିବାବେଳେ ଏହାର ରଙ୍ଗ କଳା ପଡ଼ିଯାଇଛି, ଫୁଲ ଝଡ଼ିଯାଇଛି। କେହି ଏହାକୁ ନେବେନି। କେଜି ପ୍ରତି ୧୦ ଟଙ୍କାରେ ଦେବତ ନେବି, ନହେଲେ ଫେରାଇ ନିଅ" ବୋଲି ବେପାରୀ କହିଲା। ଝାଡୁ ବିକିବାକୁ ଏମାନେ ୭କି.ମି ଦୂର ଯାଇଥିଲେ ଓ ଝାଡୁ ବିକ୍ରି ବାବଦ ଟଙ୍କାରେ ସଉଦା କିଣିବା ପାଇଁ ହାତରେ ବ୍ୟାଗ୍ ନେଇଥିଲେ। ତେଣୁ ବାଧ ହୋଇ ବେପାରୀର ନିର୍ଦ୍ଧାରିତ ଦରରେ ବିକିଲେ।

କନ୍ଧମାଳ ଜିଲ୍ଲାର ବେଲଘର ରେଞ୍ଜରେ ଫୁଲଝାଡୁ ଅମଳ ହୁଏ। ତୁମୁଡ଼ିବନ୍ଧ ବ୍ଲକ ପଡ଼ୋଶୀ କଳାହାଣ୍ଡି ଜିଲ୍ଲାର ରାମପୁର ସୀମାକୁ ଲାଗିଛି। ଦୁଇ ଜିଲ୍ଲାର ମଧ୍ୟବର୍ତ୍ତୀ ଅଞ୍ଚଳ ଉର୍ଲାଦାନୀ, ଜୁରାଖମନ, ଗଂଗାପଦର, ମଣ୍ଡଳ ପଦର, ଛାଟିଗାଁ, କୁଡ଼ିଙ୍ଗାଲୁ, ଦେଶୁଘାଟୀ, ବେଲଘର ଅଂଚଳର ଗ୍ରାମବାସୀମାନେ ଫୁଲଝାଡୁ ସଂଗ୍ରହ କରି ବିକ୍ରି କରିଥାଆନ୍ତି। ଡିସେମ୍ବର ଠାରୁ ମାର୍ଚ୍ଚ ମଧ୍ୟରେ ଏହା ସଂଗ୍ରହ କରାଯାଏ। ପରିବାରର ପୁରୁଷ ଓ ମହିଳାମାନେ ଏହାକୁ ସଂଗ୍ରହ ପାଇଁ ଦୈନିକ ୧୦ରୁ ୧୫ କି.ମି ଦୂର ପାଦରେ ଚାଲିଚାଲି ଯାଇଥାନ୍ତି। ଜଣେ ମହିଳା ସଂଗ୍ରହକାରୀ ଦିନକୁ ଅତି ବେଶୀରେ ୧୫ କେଜିର ଫୁଲଝାଡୁ କାଟିପାରୁଥିବା ବେଳେ ଜଣେ ପୁରୁଷ ସଂଗ୍ରହକାରୀ ପାଖାପାଖି ୨୦ କେଜିରୁ ୨୫ କେଜି ପର୍ଯ୍ୟନ୍ତ ସଂଗ୍ରହ କରିଥାନ୍ତି। ୧୫ରୁ ୪୦ ବର୍ଷ ବୟସର ପୁରୁଷ ଓ ମହିଳା ସଂଗ୍ରହକାରୀମାନେ ଫୁଲଝାଡୁ ଅମଳ ବେଳେ ଶୁଣିଥିବା ଜ୍ଞାନକୁ ଉପଯୋଗ କରି ଫୁଲଝାଡୁର ପରିପକ୍ୱତା ବିଷୟରେ ନିଶ୍ଚିତତା ରହି ଅମଳ କରିଥାନ୍ତି।

ବହୁତ ଆଗରୁ ବେଲଘର ଅଂଚଳରେ ଫୁଲଝାଡୁ ସଂଗ୍ରହ ହେଉଥିଲେ ମଧ୍ୟ ତା'ର ବ୍ୟବସାୟ ହେଉନଥିଲା। ସଂଗ୍ରହକାରୀମାନେ ଏହାକୁ ଆଣି ନିଜ ଘରର ବାର୍ଷିକ ବ୍ୟବହାର ପାଇଁ ସାଇତି ରଖୁଥିଲେ। ଅଧିକ ଅମଳ ବର୍ଷରେ କୁଣିଆ ବନ୍ଧୁବାନ୍ଧବ ମାନଙ୍କୁ ବାଣ୍ଟୁଥିଲେ। ବେଲଘରରେ କୁଟିଆବନ୍ଧ ଉନ୍ନୟନ ସଂସ୍ଥା କାର୍ଯ୍ୟ କରିବା ପରେ ଏବଂ କିଛି ସ୍ୱେଚ୍ଛାସେବୀ ସଂଗଠନରୁ ପ୍ରବର୍ତ୍ତନା ପାଇବାପରେ ଦୁଇଦଶନ୍ଧି ହେଲା ସଂଗ୍ରହକାରୀମାନେ ଫୁଲଝାଡୁକୁ ବଜାରରେ ପହଞ୍ଚାଇବା ପାଇଁ ପ୍ରୟାସ କରିଛନ୍ତି।

ବେପାରୀମାନଙ୍କ କହିବା କଥା ହେଲା ଯେ ଫୁଲଝାଡୁର ରଂଗ ଅନୁଯାୟୀ ଦର ନିର୍ଦ୍ଧାରଣ କରାଯାଏ। ଆଗରୁ ଦର ନିର୍ଦ୍ଧାରଣ ସତ୍ତ୍ୱେ ରଂଗ ଯଦି କଳା କିମ୍ବା ଝାଡୁ ଯଦି ଆର୍ଦ୍ରତା ଯୋଗୁଁ ଫିମ୍ପି ମାରିଯାଇଥାଏ କିମ୍ବା ଝାଡୁର ଫୁଲରେଣୁ ଯଦି ଖସୁଥାଏ, ଅପରିପକ୍ୱ ଅବସ୍ଥାରେ ସଂଗ୍ରହକରି ଯଦି ବଜାରକୁ ଅଣାଯାଇଥାଏ ତେବେ ଏହାର ନିର୍ଦ୍ଧାରିତ ଦର ଦେଇହବନି। ଫୁଲଝାଡୁ ଅମଳ ସମୟ ବେଳକୁ କନ୍ଧମାଳରେ ଶୀତର ଶୀତଳତା ଅଧିକ ଥାଏ। ରାତିରେ କାକର ପଡ଼େ। ସଂଗ୍ରହକାରୀମାନେ ଜଙ୍ଗଲରୁ ସଂଗ୍ରହ କରି ଆଣିବା ମାତ୍ରେ ଘରର ଚାଳ ଉପରେ ଶୁଖାଇ ଦେଇଥାନ୍ତି। ରାତି ସାରା ଘର ଚାଳରେ ଥିବା ଖୋଲା

ଝାଡୁଗୁଡ଼ିକ କାକରରେ ଭିଜେ । ଖରା ଓ କାକରରେ ଏହାର ରଂଗ ବଦଳିଯାଏ । ସଂଗ୍ରକାରୀମାନେ ଠିକ୍ ରୂପେ ପ୍ରକ୍ରିୟା କରଣ କିଭଳି କରିପାରିବେ, ସେଥିପାଇଁ ତାଲିମ୍ ଦିଆଯାଉନାହିଁ । ଆଧୁନିକ ଗ୍ରାହକ ଓ ବଜାର କ'ଣ ଚାହୁଁଛି, ସଂଗ୍ରହକାରୀମାନେ ଜାଣି ପାରୁନଥିବାରୁ ଉଚିତ ଦର ପାଇପାରିନଥାନ୍ତି ।

**କଷ୍ଟରେ ଅମଳ ମୂଲ୍ୟ ନିରର୍ଥକ ଗଲା**

କୋରାପୁଟ ଜିଲ୍ଲା ବନ୍ଧୁଗାଁ ଅନ୍ତର୍ଗତ ଆଲମେଣ୍ଡା ଗ୍ରାମ ପଞ୍ଚାୟତର ମହିଳାମାନେ ଦଳବଦ୍ଧ ଭାବରେ ବନଜାତ ଦ୍ରବ୍ୟର ବ୍ୟବସାୟ ଜରିଆରେ ଗତବର୍ଷ ଭୂଇଁନିମ୍ବ ସଂଗ୍ରହ କରିଥିଲେ । ପ୍ରତିଶ୍ରୁତି ଦେଇଥିବା ବ୍ୟବସାୟୀ ଜଣକ ଅମଳ ପରେ କିଣି ନେବାପାଇଁ ଆସିଲା ନାହିଁ । ସଂଗୃହୀତ ଭୂଇଁନିମ୍ବକୁ ସଂରକ୍ଷିତ ରଖିବା ପାଇଁ ଆଦିବାସୀ ମହିଳା ମାନଙ୍କ ମଧ୍ୟରେ ଭାଳେଣୀ ପଡ଼ିଲା । କାହାରି ଘରେ ଏତେ ପରିମାଣର ଭୂଇଁନିମ୍ବକୁ ରଖିବା ପାଇଁ ଜାଗାନଥିଲା । ଦାୟିତ୍ୱ ନେଇଥିବା ସଭାନେତ୍ରୀଙ୍କୁ ସଭ୍ୟାମାନେ ବାଧ୍ୟ କରିବାରୁ ସେ ଲୋକ ଲଗାଇ ତାଙ୍କର ଗାଁ ଠାରୁ ୧କିମି ଦୂର ଗୁଡ଼ିଆ(ପାହାଡ଼ ଚାଷକୁ ଜଗିବା ପାଇଁ ସାମୟିକ ଆବାସ ସ୍ଥଳ)ରେ ନେଇ ରଖାଇଲେ । କୋରାପୁଟ ବଜାରରେ ବଜାରରେ ବୁଲି ବୁଲି ଯୋତା ଦୋକାନ ଗୁଡ଼ିକରୁ ଯୋତାପ୍ୟାକ୍ ହୋଇ ଆସୁଥିବା ବିରାଟ ଆକାରର ଜରିବସ୍ତା ଗୋଟି ପ୍ରତି ୨୦ଟଙ୍କା ଦରରେ କିଣିନେଇ ସେଥିରେ ସେମାନେ ଭୂଇଁ ନିମ୍ବ ରଖାଇଲେ । ଜରିବସ୍ତାକୁ ଖରା ବିମ୍ବା ବର୍ଷା କାଟିବ ନାହିଁ ବୋଲି ସେମାନଙ୍କର ବିଶ୍ୱାସ ଥିଲା । ସେମାନେ ଏପରି ଅଭ୍ୟାସ ଆଗରୁ କରିନଥିଲେ । ଭୂଇଁ ନିମ୍ବଗୁଡ଼ିକ ଜରିବସ୍ତାରେ ପ୍ୟାକ୍ ହୋଇ ଘର ବାରଣ୍ଡା ଓ ଅଗଣାରେ ଖୋଲା ମେଲାରେ ରହିଥିଲା । ୫୦ କ୍ୱିଣ୍ଟାଲ ଭୂଇଁ ନିମ୍ବ ଗୋଟିଏ ଜାଗାରେ ଥିବା ସୂଚନା ଅନ୍ୟଜଣେ ବେପାରୀ ପାଇ ଗାଁ'କୁ ଆସିଲେ । ବସ୍ତା ଖୋଲି ଦେଖିବା ବେଳକୁ କେବଳ କାଠି ହିଁ ଥିଲା । ପତ୍ରସବୁ ଝଡ଼ିଯାଇଥିଲା । କେଜି ପ୍ରତି ୧ ଟଙ୍କା ଦେବାକୁ ବି ସେ ପ୍ରସ୍ତୁତ ନଥିଲେ । ସ୍ୱୟଂ ସହାୟକ ସମବାୟ ସମିତିର ଅଂଶୀଦାରମାନେ ବଣ ଜଙ୍ଗଲରେ ବୁଲି ବୁଲି କିଛି ସଂଗ୍ରହ କରିଥିବା ବେଳେ କେଜି ପ୍ରତି ୩ଟଙ୍କା ଦରରେ ବି କିଛି କିଣିଥିଲେ ।

ବେପାରୀର କହିବାକଥା ହେଲା ସଂଗ୍ରହ ପୂର୍ବରୁ ବଜାର, ଗୁଣ, ସଂଗ୍ରହ ବ୍ୟବସ୍ଥା ଓ ପ୍ରକ୍ରିୟା କରଣ କରିବା କଥା ଚିନ୍ତା କରିବାର ଥିଲା ।

**ଜଙ୍ଗଲରେ ସଢୁଛି, ଖାଉଟି କିଣୁଛନ୍ତି ବଜାରରୁ ହାଇଦ୍ରାବାଦି ବଟନ ଛତୁ**

ଭୋଦେଇ ଛତୁ, ଉଇହୁଙ୍କା ଛତୁ, ବାଲି ଛତୁ, ଆଷାଢୁଆ ଛତୁ, କାଠଛତୁ ଆଦି ଜଙ୍ଗଲରେ ପର୍ଯ୍ୟାପ୍ତ ପରିମାଣରେ ଦେଖାଯାଏ । ବନ ବାସିନ୍ଦାମାନେ ଏହାକୁ ସଂଗ୍ରହକରି ଖାଇ ଆସୁଥିଲେ ସୁଦ୍ଧା କେଉଁ ଛତୁ କେତେ ନିରାପଦ ଓ/ବା ସ୍ୱାସ୍ଥ୍ୟପ୍ରଦ ଓ ସ୍ୱାଦିଷ୍ଟ, ସେ ସମ୍ପର୍କରେ ଜନ ସଚେତନତାର ଅଭାବ ରହିଛି । ଦେଶୀ ଛତୁ ବୋଲି ଭାବି ଜଙ୍ଗଲୀ ଛତୁ କିଣି ନେଇ ରାନ୍ଧିବା ଓ ଖାଇବା ବେଳେ ତିକ୍ତ ଅଭିଜ୍ଞତା ହେବାର ଘଟନା ଏହି କାରଣରୁ ଘଟୁଛି । ଅଧିକ ସଂଗ୍ରହ କରିଥିବା ସଂଗ୍ରହକାରୀଟିଏ ଯଦି କେବେ ପାଖ ହାଟକୁ ବିକ୍ରି ପାଇଁ ନେଇ ଆସେ ତେବେ ଖାଉଟିମାନେ ବିଷାକ୍ତ ଆଶଙ୍କା କରି ମୁହଁ ଫେରାଇ ନେଉଛନ୍ତି । ଜଙ୍ଗଲି ଛତୁଗୁଡ଼ିକର ବିଜ୍ଞାନ ଭିତ୍ତିକ ଅନୁଶୀଳନ ଏବଂ ପ୍ରାକୃତିକ ପରିବେଶରେ ଚାଷ ପାଇଁ ପ୍ରୋତ୍ସାହନ ନ ମିଳିବା କାରଣରୁ ଆମ ରାଜ୍ୟର ଖାଉଟି ହାଇଦ୍ରାବାଦି ବଟନ ଛତୁ କିଣୁଛନ୍ତି । ଜଙ୍ଗଲୀ ଛତୁ ଭିତରେ ଯେଉଁଗୁଡ଼ିକ ସ୍ୱାଦିଷ୍ଟ ଓ ନିରାପଦ, ସେ ସଂପର୍କରେ ଠିକ୍ ଭାବେ ସଚେତନତା ସୃଷ୍ଟି ହେଲେ ଗ୍ରାହକ ଏଇ ଦେଶୀ ଛତୁକୁ ଯେ ବେଶି ଖୋଜନ୍ତେ, କେନ୍ଦୁଝର ସହରରେ ଦେଶୀ ଛତୁର ସଫଳ ବ୍ୟବସାୟ ତା'ର ପ୍ରମାଣ ।

**ମଞ୍ଜିର ମୂଲ୍ୟ ମିଳୁନି**

ମୟୂରଭଞ୍ଜ ଜିଲ୍ଲା ଯଶିପୁର ବ୍ଲକ ଧଳାବଣୀ ଗ୍ରାମର ଶିବ ଚାତାରଙ୍କ ଘର ବାଡ଼ିରେ ୫ଟି ତେନ୍ତୁଳି ଗଛ ଅଛି । ଭାଲୁପାଣି ଗ୍ରାମର ବ୍ରଜ ହେମ୍ବ୍ରମ, ଠାକୁର ଗୋଡ଼ା ଗ୍ରାମର ଡୁଙ୍ଗରୁ ଆଲଚାଙ୍କର ଚାଷ ଜମି ଓ ଘରବାଡ଼ିରେ ତେନ୍ତୁଳି ଗଛର ସଂଖ୍ୟା ବି କିଛି କମ୍ ନାହିଁ । ଗୋଟିଏ ଗୋଟିଏ ଗଛରୁ ବାର୍ଷିକ୨୦୦ କେଜିର ତେନ୍ତୁଳି ଉତ୍ପାଦନ କରାଯାଏ । ଗଛରେ ଫୁଲ ହେବା ପରେ ଗଛକୁ ନିଲାମ ଦେଇଦେଉଥିଲେ । ନିଲାମ ନେଇଥିବା ବେପାରୀଟି ୨୦୦ରୁ ୫୦୦ ଟଙ୍କା ଦେଇ ପୂରାଗଛର ତେନ୍ତୁଳି ସଂଗ୍ରହ କରି ନେଉଥିଲା । ଗାଁରେ ସଂଘ ଗଢ଼ାଯିବା ପରେ ବେପାରୀ ବଦଳରେ ସଂଘଟି ନିଲାମ ନେଲା । ଜଣଙ୍କ ବଦଳରେ ୧୦ଜଣ ଲାଭ ପାଇଲେ । ମହିଳା ଦଳ ମଞ୍ଜିଲଗା ତେନ୍ତୁଳିକୁ ବିକ୍ରି ନକରି ତେନ୍ତୁଳିକୁ ଖରାରେ ଶୁଖାଇ ମଞ୍ଜି ବାହାର କରି ତିନିଗୁଣା ପାଖାପାଖି ଦରରେ ବିକ୍ରି କଲେ । ଛଡ଼ା ତେନ୍ତୁଳି ସିନା ବିକ୍ରି ହୋଇଗଲା ହେଲେ ବାହାର କରାଯାଇଥିବା ମଞ୍ଜିକୁ କେହି ପଚାରିଲେ ନାହିଁ । ମଞ୍ଜିରୁ ଗୁଣ୍ଡ ପ୍ରସ୍ତୁତି ପାଇଁ ଆମ ରାଜ୍ୟରେ ଶିଳ୍ପ ନାହିଁ । ରାୟଗଡ଼ାର ଝିମିଡ଼ି ପଟାଠାରେ ଡୋକରି ସତ୍ୟନାରାୟଣଙ୍କ ଯେଉଁ ତେନ୍ତୁଳି ମଞ୍ଜି ପ୍ରକ୍ରିୟା କରଣ ୟୁନିଟ୍ ଥିଲା, ସେ ବନ୍ଦ ହୋଇଯାଇଛି । ରାୟଗଡ଼ା, କୋରାପୁଟ, ଗଜପତି, କନ୍ଧମାଳ ଜିଲ୍ଲାରେ ବହୁଳ ଭାବରେ ତେନ୍ତୁଳି ଉତ୍ପାଦନ ହେଉଥିଲେ ମଧ୍ୟ ମଞ୍ଜି ପ୍ରକ୍ରିୟା କରଣ ୟୁନିଟ୍ ସ୍ଥାପନ କରାଯାଇ ନାହିଁ । ସଂଗ୍ରହ କାରୀମାନେ ଯିଏ ଯେପରି ପାରିଲା ଅତି କମ୍ ଦରରେ ଏହାକୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ବୟନ ଶିଳ୍ପରେ ତେନ୍ତୁଳି ମଞ୍ଜିର ମଣ୍ଡ ଲୋଡ଼ାପଡ଼େ । ତେନ୍ତୁଳି ମଞ୍ଜିରୁ ଉତ୍କୃଷ୍ଟ ଅଠା ତିଆରି ହୋଇଥାଏ । ପଟ୍ଟଚିତ୍ର ଶିଳ୍ପୀ, ମୂର୍ତ୍ତି କାରିଗର ରଙ୍ଗ କାରିଗରମାନେ ତେନ୍ତୁଳି ମଞ୍ଜି ଆବଶ୍ୟକ କରୁଥିବା ବେଳେ ବଜାରରୁ ପାଇନ ଥାନ୍ତି । ଅପର ପକ୍ଷରେ ସଂଗ୍ରହକାରୀମାନଙ୍କ ପାଖରେ ବଳକା ମଞ୍ଜି ରହିଯାଏ । ସଂଗ୍ରହକାରୀଙ୍କ ହାତ ପାହାନ୍ତାରେ ତେନ୍ତୁଳି ମଞ୍ଜି ପ୍ରକ୍ରିୟା କରଣ କେନ୍ଦ୍ର ଉପଲବ୍ଧ ନଥିବାରୁ ବ୍ୟାପକ କାରବାରରେ ସମ୍ଭାବନା ସତ୍ତ୍ୱେ ଏହି ଦ୍ରବ୍ୟଟିର ବିପଣନ ବ୍ୟବସ୍ଥା ନିଷ୍ପ୍ରଭ ହୋଇ ରହିଯାଇଛି ।

## ଚାର ପ୍ରକ୍ରିୟାକରଣ ପାଇଁ ମେସିନ୍ ନାହିଁ, ଲୁଣ ବଦଳରେ ବିକ୍ରି ଚାଲିଛି

ଖରିଆର ବନଖଣ୍ଡରେ ସର୍ବାଧିକ ଚାର ମଞ୍ଜି ଅମଳ ହୁଏ। ସମ୍ବଲପୁର ଓ ସୁନ୍ଦରଗଡ଼ ବନଖଣ୍ଡ ମଧ୍ୟ ଅମଳ ଦୃଷ୍ଟିରୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅଂଚଳରୁ ବାର୍ଷିକ ୧୦୦ କ୍ୱିଣ୍ଟାଲରୁ ଅଧିକ ଚାର ଉତ୍ପାଦନ ହୁଏ। ଚାର ମଞ୍ଜିର ଉପର ଟାଣ ଖୋଳପାକୁ ଛଡ଼ାଇ ଏହାର ଭିତର ଶସକୁ ବିକ୍ରି କରାଯାଇଥାଏ। କେନ୍ଦୁଝର, ଖରିଆର, ବଲାଙ୍ଗିର, ବଣେଇ, ସମ୍ବଲପୁର, ସୁନ୍ଦରଗଡ଼, ବାରିପଦା, କରଞ୍ଜିଆ, ଆଠମଲ୍ଲିକ, ବାଲିଗୁଡ଼ା, କଳାହାଣ୍ଡି, ନବରଙ୍ଗପୁର ଓ ବାମରା ଆଦି ବନଖଣ୍ଡ ଅଂଚଳରୁ ଚାର ସଂଗ୍ରହ ହେଉଥିଲେ ସୁଦ୍ଧା ସଂଗ୍ରହକାରୀମାନେ କେବେ ବି ଏହାକୁ ଠିକ୍ ବଜାର ଦରରେ ବିକ୍ରି କରିପାରିନଥାନ୍ତି। ସଂଗ୍ରହକାରୀମାନେ ଚାର ମଞ୍ଜିକୁ ପଥରରେ ଛେଚି ମଞ୍ଜିର ଖୋଳପା ଭାଙ୍ଗି ତାର ଦାନା ବାହାର କରନ୍ତି। ଅନ୍ୟ କେତେକ ଅଂଚଳରେ ବଡ଼ ଏକ ପଥର ଚଟାଣରେ ରଖି ଆଉ ଏକ ପଥର ଶିଳରେ ରଗଡ଼ି ଭିତର ଶସକୁ ବାହାର କରିଥାନ୍ତି। ଏହି ପ୍ରକ୍ରିୟା ଭିତରେ ଶସ ଭାଙ୍ଗିଯାଇଥାଏ। ଚାରର ରଂଗରେ ବି ପରିବର୍ତ୍ତନ ଆସିଥାଏ। ଭଙ୍ଗା ଦାନାଗୁଡ଼ିକର ସଠିକ୍ ବଜାର ମିଳି ନଥାଏ। ରାଜ୍ୟର କେତେକ ଜିଲ୍ଲାରେ ଚାରମଞ୍ଜିକୁ ଲୁଣ ବଦଳରେ ବିନିମୟ ଧାରା ଏବେ ବି ଦେଖାଯାଏ। ଚାର କେଜିର ଦାମ୍ ଲୁଣ କେଜିର ଦାମ୍ ସହିତ ସମାନ କରି ବେପାରୀମାନେ ନେଇଯାଆନ୍ତି। ବହୁଳ ଚାର ଉତ୍ପାଦନ ଜିଲ୍ଲାରେ ଚାର ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ କରାଗଲେ ସଂଗ୍ରହକାରୀମାନେ ଲୁଣ ବଦଳରେ କଦାପି ଏହାକୁ ବିକ୍ରି କରି ଦ୍ୱିଗୁଣା ଶୋଷଣର ସମ୍ମୁଖୀନ ହୁଅନ୍ତେ ନାହିଁ।

ଟୋଳ (ମହୁଲ ଫଳ), କୁସୁମ, କରଞ୍ଜ, ଜଡ଼ା, ନିମ୍ବ, ଶାଳ ଆଦି ତୈଳ ବୀଜଗୁଡ଼ିକରୁ ତୈଳ ନିଷ୍କାସନ ପାଇଁ ଏବେ ବି ବିଭିନ୍ନ ଅଂଚଳରେ ପାରମ୍ପରିକ ପ୍ରକ୍ରିୟା କରଣପଦ୍ଧତି ବ୍ୟବହୃତ ହେଉଛି। ଏହି ପାରମ୍ପରିକ ତୈଳଘଣାଗୁଡ଼ିକୁ ବିକଶିତ କରିବା ବଦଳରେ ସରକାର ଏହାକୁ ଅଚଳ କରିଦେବା ଭଳି ପଦକ୍ଷେପ ଅତୀତରେ ନେଇଛନ୍ତି। ଗୋଟିଏ ସମୟରେ ରାଜ୍ୟର କରଞ୍ଜିଆ, ରାଇଗାଙ୍ଗପୁର, ଆସିକା, କଟକ, ବେସିଙ୍ଗା ଆଦି ଅଂଚଳରେ ତେଲ ଓ ବନସ୍ପତି କାରଖାନା ବସାଗଲା, କିନ୍ତୁ କିଛି ବର୍ଷ ପରେ ସେଗୁଡ଼ିକ ଅଚଳ ହୋଇଗଲା। ତେଲକଳ ବସିବା ପରେ ଘଣାଗୁଡ଼ିକର ମୃତ୍ୟୁ ଘଟିଲା। କଳଗୁଡ଼ିକ ବନ୍ଦ ହୋଇଯିବା ପରେ ତୈଳବୀଜ ଉତ୍ପାଦନକାରୀମାନଙ୍କ ରୋଜଗାର ଫିକା ପଡ଼ିଗଲା। ଶାଳମଞ୍ଜି ତୈଳ କାରଖାନାକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ରାଇଗାଙ୍ଗପୁର ଠାରେ ଜଗଦୀଶ ପ୍ରସାଦ ଲାଠଙ୍କ ଶାଳ ମଞ୍ଜି ତୈଳ କାରଖାନା ଯୋଗୁଁ ସଂଗ୍ରହକାରୀମାନଙ୍କ ମଧ୍ୟରେ ଯେଉଁ ଆଶା ଓ ସମ୍ଭାବନା ସୃଷ୍ଟି ହୋଇଥିଲା ତାହା କଳ ବନ୍ଦ ହୋଇଯିବା ପରେ ସ୍ୱପ୍ନରେ ହିଁ ରହିଗଲା। ଏବେ କେଉଁ ବର୍ଷ ସଂଗ୍ରହକାରୀଙ୍କ ଠାରୁ ଶାଳ ମଞ୍ଜି କିଣାଯାଉଛି ତ କେଉଁ ବର୍ଷ କିଣା ଯାଉନାହିଁ।

ଟୋଳ, କୁସୁମ, କରଞ୍ଜ ଓ ନିମ୍ବ ତେଲକୁ ବନବାସିନ୍ଦାମାନେ ବହୁଳ ବ୍ୟବହାର କରନ୍ତି। ବର୍ଷସାରା ଏହି ତେଲକୁ ପାଖରେ ସଂରକ୍ଷିତ ରଖନ୍ତି। ପାରମ୍ପରିକ ଉପାୟରେ ତେଲ ନିଷ୍କାସନ ଉଣା ଅଧିକେ ସମସ୍ତ ବନ ବାସିନ୍ଦାଙ୍କୁ ଜଣା। କିନ୍ତୁ ଏହି ଅଭ୍ୟାସ ଏବେ ହ୍ରାସ ପାଇବାରେ ଲାଗିଛି। ତୈଳ ନିଷ୍କାସନର ବିଭିନ୍ନ ପାରମ୍ପରିକ ଅଭ୍ୟାସଗୁଡ଼ିକୁ ଲିପିବଦ୍ଧ କରାଯିବାର ଆବଶ୍ୟକତା ରହିଛି।

✧✧✧

## ବଦଳ ବେପାର : ସୁବିଧା ଓ ଅସୁବିଧା

ଆମ ପାରମ୍ପରିକ ଅର୍ଥନୀତିରେ ବଦଳ ବ୍ୟବସ୍ଥାର ବିଶେଷ ଗୁରୁତ୍ୱ ରହିଥିଲା। ଆରସିଡିସିର ଜଣେ ବରିଷ୍ଠ ପରିଚାଳକ ବିକାଶ ରଥଙ୍କ ମତରେ ଏହି ବ୍ୟବସ୍ଥାଟି ଆମ ଅର୍ଥନୀତି ଓ ବ୍ୟବସାୟଟିକୁ ଯଥା ସମ୍ଭବ ଅମରି ନିୟନ୍ତ୍ରଣ ଭିତରେ ହିଁ ରଖୁଥିଲା, ବାହାର ହସ୍ତକ୍ଷେପରୁ ଯଥା ସମ୍ଭବ ମୁକ୍ତ ରଖିବାରେ ସାହାଯ୍ୟ କରୁଥିଲା। କୁଲା ବାଉଁଶିଆ ଦେଇ ଲୋକେ ଧାନ ପାଉଥିଲେ। କିନ୍ତୁ, ଏହାର ଗୋଟିଏ ବଡ଼ ସସମସ୍ୟା ହେଲା ଏଥିରେ ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ବଜାୟ ରହିବ କି ନରହିବ, ତା' ମୁଖ୍ୟତଃ ପ୍ରଭାବଶାଳୀ ଓ ପ୍ରତିପତ୍ତିଶାଳୀ ଲୋକଙ୍କ ଦ୍ୱାରା ନିରୂପିତ ହେଉଥିବାରୁ ଗରିବ ସଂଗ୍ରହକାରୀ/ଉତ୍ପାଦନକାରୀଟି ଯେ ନିଜ ଉତ୍ପାଦନ ବଦଳରେ ନ୍ୟାର୍ଯ୍ୟ ମୂଲ୍ୟ/ପରିମାଣ/ମାନର ଜିନିଷ ପାଇବ, ତା'ର ନିଶ୍ଚିତତା ନଥିଲା। ସମାନ ମାନଦଣ୍ଡ ପ୍ରଚଳନ ପାଇଁ ସରକାର ବଦଳ କାରବାରକୁ ନିରୁତ୍ସାହିତ କରି ନଗଦ କାରବାରକୁ ପ୍ରୋତ୍ସାହନ ଦେଲେ, କିନ୍ତୁ ଏ ପ୍ରକାର ଅର୍ଥନୈତିକ ବ୍ୟବସ୍ଥା କ୍ରମଶଃ ଅଧିକରୁ ଅଧିକ ବୈଦେଶିକ ଓ ଔଦ୍ୟୋଗିକ ପ୍ରଭାବଗ୍ରସ୍ତ ହୋଇ ପଡ଼ିବାରୁ ଲୋକେ କ୍ଷତିଗ୍ରସ୍ତ ହେଉଛନ୍ତି। ମହୁଲ ବିକ୍ରିକରି ବଗଡ଼ା ଲୁଣ ପରିବର୍ତ୍ତେ ଟଙ୍କା ମିଳିପାରେ, କିନ୍ତୁ ସେ ଟଙ୍କାରେ ପ୍ୟାକେଟ ଲୁଣ କିଣିବାର ଖର୍ଚ୍ଚ ହିସାବ କଲେ ଜାଣିବା ଯେ ଆମେ ଲାଭରେ ଅଛୁ ନା କ୍ଷତିରେ। ଆୟୋଡ଼ିନ ଓ ଆହୁରି କେତେ କ'ଣ ଅଛି ବୋଲି କହି କମ୍ପାନୀମାନେ ଲୁଣ କିଲୋ ଯେଉଁଭଳି ବଢ଼ାଇ ଚାଲିଛନ୍ତି, ବଗଡ଼ା ଲୁଣ ବଦଳ କରିବା ସେ ଦୃଷ୍ଟିରୁ ଲାଭଜନକ ପ୍ରମାଣିତ ହେବା ଆଶ୍ଚର୍ଯ୍ୟଜନକ ନୁହେଁ। କେବଳ ମାପ, ଓଜନ ଓ ଦର ପାଇଁ ମାନଦଣ୍ଡ ରଖିବା ଯଥେଷ୍ଟ ନୁହେଁ, ସରକାର ଏକଥା ମଧ୍ୟ ଦେଖିବା ଉଚିତ ଯେ ଗରିବ ଜନ ସାଧାରଣଙ୍କର ସ୍ୱାର୍ଥରକ୍ଷା ଶେଷ ପର୍ଯ୍ୟନ୍ତ ଠିକ୍ ଭାବେ ହୋଇପାରିଛି ନା ନାହିଁ। ନଗଦ ଟଙ୍କା ବର୍ତ୍ତମାନ ସମୟରେ ବିଶେଷ ଉପଯୋଗୀ ନିଶ୍ଚୟ, କିନ୍ତୁ ତା'ର ମୂଲ୍ୟ ଉପରେ ଆମର ନିୟନ୍ତ୍ରଣ ଯେତେ ବେଶି ଦୁର୍ବଳ ହେବ, ନଗଦ କାରବାରର ସୁବିଧାଟି ବି ସେଇ ଅନୁପାତରେ ହ୍ରାସ ପାଇବ। ସରକାର କିନ୍ତୁ ଏ ଦିଗରେ ଏକ ପ୍ରକାର ନିଷ୍କ୍ରିୟ ଓ ଆନ୍ତରିକତାହୀନ ମନେ ହେଉଛନ୍ତି।

# ଲହ ଲଙ୍ଗଳିଆ ସମ୍ପର୍କରେ କିଛି ସୂଚନା

ଆଇ.ସି.ୟୁ.ଏନ୍ ପ୍ରଦତ୍ତ ରେଡ୍ ଲିଷ୍ଟରେ ସ୍ଥାନୀତ ହୋଇଛି ଲହଲଙ୍ଗଳିଆ । ଏହା ଏକ ବିରଳ ପ୍ରଜାତି । ଏହାର କନ୍ଦା ଲଙ୍ଗଳ ପରି ଦେଖାଯାଉଥିବାରୁ ଏହାକୁ ଲହଲଙ୍ଗଳିଆ ବୋଲି କୁହାଯାଇଥାଏ । ଏହି କନ୍ଦା ସାମାନ୍ୟ ବିଷାକ୍ତ ହୋଇଥିବାରୁ ଆୟୁର୍ବେଦରେ ଏହାକୁ ବିଷ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି । କିନ୍ତୁ ଦେଶୀୟ ଓ କୁଟିଆ କନ୍ଧ ଜାତିର ଆଦିବାସୀମାନେ ଏହି ଗଛର କନ୍ଦାକୁ ଥରେ ସିଝାଇ ତାର ପାଣି ବାହାର କରି ସିଝା କନ୍ଦାକୁ ଖାଇଥାଆନ୍ତି । ଲହଲଙ୍ଗଳିଆ ଗଛର ଡାଳ ଘରେ ଆଣି ରଖିଲେ ଘରେ କଳିକଜିଆ ହେବ ବୋଲି ବିଶ୍ୱାସ ରହିଛି । ଏହି ଗଛଟି ଅତ୍ୟନ୍ତ ଦରକାରୀ ଓ ବିରଳ ହୋଇଯାଉଥିବା ଲକ୍ଷ୍ୟ ରଖି ବୋଧହୁଏ କେଉଁ ଚାଷ ପ୍ରେମୀ ଏକଥାକୁ ପ୍ରଚାର କରିଥାଇ ପାରନ୍ତି ବୋଲି ଗବେଷକ ମାନେ ମତ ଦେଇଛନ୍ତି । ହିନ୍ଦୀରେ ଏହାକୁ କଲିହାରୀ ଓ ବଙ୍ଗଳାରେ ଲାଆଇଲଗା କୁହାଯାଏ, ଯାହାର ଅର୍ଥ କଳି ଲଗା ।

ଏହି ଗଛରୁ କୋଲଟିସାଇନ୍ ନାମକ ଏକ ବହୁମୂଲ୍ୟ ରସାୟନ ମିଳିଥାଏ । ଜୈବ ଆନୁବଂଶିକ ଗବେଷଣାରେ ଏହି ରସାୟନର ଭୂମିକା ଗୁରୁତ୍ୱପୂର୍ଣ୍ଣ । କୌଣସି ଜୀବକୋଷକୁ କୋଲଟିସାଇନ୍ ଦ୍ରବଣରେ ବୁଡ଼ାଇ ରଖିଲେ ତାର ନାଭିକେନ୍ଦ୍ର ବିଭାଜନ ହୋଇ କ୍ରୋମୋଜମ ସଂଖ୍ୟା ବଢ଼ିଚାଲେ କିନ୍ତୁ ଅନ୍ତର୍କୋଷୀୟ ପରଦା ତିଆରି ହୋଇ କୋଷ ବିଭାଜନ ହୋଇପାରେ ନାହିଁ । ସାଇଟୋ ଜେନେଟିକ୍ସରେ ଏହି ପ୍ରକ୍ରିୟାକୁ ପୋଲିପୋଲିଡି କୁହାଯାଏ । ଏହି ପ୍ରକ୍ରିୟାରେ ବିଭିନ୍ନ କ୍ରୋମୋଜମ ସଂଖ୍ୟା ଥିବାର ସମାନ କୋଷ ତିଆରି କରାଯାଇଥାଏ ଏବଂ ଗୁଣାଗୁଣର ପାର୍ଥକ୍ୟ ପରୀକ୍ଷା କରାଯାଏ । ଏତଦ୍ ବ୍ୟତୀତ ଆଧୁନିକ ଚିକିତ୍ସା ବିଜ୍ଞାନରେ ଗାଉଟ୍ ବା ସନ୍ଧିଗତ ରୋଗର ଚିକିତ୍ସା ପାଇଁ କୋଲଟିଚୁର ବହୁଳ ବ୍ୟବହାର ହୋଇଥାଏ । ଆୟୁର୍ବେଦର ମଧ୍ୟ ଗଣ୍ଡିଗତ ଚିକିତ୍ସା ପାଇଁ ଏହି ଗଛକୁ ବ୍ୟବହାର କରି ବିଷଗର୍ଭ ତୈଳ, ଲାଙ୍ଗଳୀ ଲୌହ ଇତ୍ୟାଦି ଔଷଧ ପ୍ରସ୍ତୁତ କରାଯାଇଥାଏ ।

ବିଶ୍ୱ ବଜାରରେ କୋଲଟିସାଇନ୍‌ର ପ୍ରଚୁର ଚାହିଦା ରହିଛି । ଏହି ଗଛର ଗୁରୁତ୍ୱ ଅନୁଭବ କରି କେନ୍ଦ୍ର ସରକାର ଏହାର ରପ୍ତାନୀ ଉପରେ କଟକଣା ମଧ ଲଗାଇଛନ୍ତି । ଡେକାନ ଫାଇଟୋ କେମିକାଲ ନାମକ ଏକ କମ୍ପାନୀ ହାଇଦ୍ରାବାଦରେ ତାର କମ୍ପାନୀ ଖୋଲି କୋଲଟିସାଇନ୍‌ର ପ୍ରମୁଖ ବିତରକ ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ଏହି ଗଛର ମଞ୍ଜିରୁ କୋଲଟିସାଇନ୍ ବାହାର କରାଯାଏ, ତେଣୁ ଏହାର ସଂଗ୍ରହରେ ଗଛଟି ମରିଯାଏ ନାହିଁ । କିନ୍ତୁ ଗଛର ସଂଖ୍ୟା ହ୍ରାସ ପାଉଥିବାରୁ ଏଥି ପ୍ରତି କଟକଣା ରହିଛି । ଏହି ମଞ୍ଜିକୁ ସଂଗ୍ରହ କରି ବନାଞ୍ଚଳର ଖାଲି ପଡ଼ିଆ ଅଂଚଳରେ ଲଗାଗଲେ ଏହାର ମଞ୍ଜି ସଂଗ୍ରହରୁ ସଂଗ୍ରହକାରୀମାନଙ୍କ ରୋଜଗାର ବଢ଼ିପାରନ୍ତା ।

ଲହଲଙ୍ଗଳିଆ ଗଛକୁ ରାଜ୍ୟର ହିନ୍ଦୁମାନେ ଏକ ଜୀବନ ରକ୍ଷାକାରୀ ଗଛଭାବେ ବହୁ କାଳରୁ ପୂଜାକରି ଆସୁଛନ୍ତି । ଷଠିଓଷା ଦିନ ବଜ୍ରମୂଳୀ ଓ ଲହଲଙ୍ଗଳିଆ ସମେତ ୬ ପ୍ରକାରର ବୃକ୍ଷ ଲତାକୁ ଏକାଠି କରି ବିଡ଼ାବାନ୍ଧି ସେହି ବିଡ଼ାରେ ପରିବାରର ସମସ୍ତଙ୍କ ଶରୀରକୁ ମୃଦୁ ଆଘାତ ଦିଆଯାଇଥାଏ । ଏହାର ଶକ୍ତି ଶରୀରକୁ ରୋଗମୁକ୍ତ କରିଥାଏ ବୋଲି ବହୁ କାଳରୁ ବିଶ୍ୱାସ ରହିଛି ।

**ଔଷଧୀୟ ଗୁଣ ଓ ବ୍ୟବହାର**

ଲହଲଙ୍ଗଳିଆ ପତ୍ର ରସ ଦୁଇ ଲିଟରରେ ୧୦, ଅଧାଲିଟର ରାଶିତେଲ ମିଶାଇ ରାନ୍ଧନ୍ତୁ । ଜଳୀୟ ଅଂଶ ଶୁଖିଗଲାପରେ ବୋତଲରେ ରଖନ୍ତୁ । ଏହି ତେଲ ୮ରୁ ୧୦ ଦିନ ମୁଣ୍ଡରେ ଲଗାଇଲେ ଉକୁଣି ଓ ଲିଖ ଇତ୍ୟାଦି ନିର୍ମୂଳ ହୋଇଥାନ୍ତି ।

ଦାନ୍ତ କିମ୍ବା ମାଢ଼ି ଦରଜ ହେଲେ ଯେଉଁ ପାଖ ଦରଜ ହେଉଥିବ ତାର ବିପରୀତ ହାତର ବୁଢ଼ା ଆଙ୍ଗୁଳିର ନଖରେ ଲହଲଙ୍ଗଳିଆ କନ୍ଦାକୁ ଚନ୍ଦନ ପରି ଘୋରି ଲଗାଇଲେ ତୁରନ୍ତ ଉପଶମ ମିଳେ ।

ପାଦରେ କଣ୍ଟାଗଳି ଭିତରେ ରହିଯାଇଥିଲେ ଏହି ଗଛର କନ୍ଦାକୁ ବାଟି ସାମାନ୍ୟ ଉଷୁମ କରି ଲେପ ଦେଇ ରାତିରେ ଶୋଇ ପଡ଼ିଲେ ପରଦିନ ସକାଳୁ କଣ୍ଟା ଆପେ ବାହାରି ପଡ଼ିଥାଏ ।

ବୈଦ୍ୟ ଶାସ୍ତ୍ର ଅନୁଯାୟୀ ଏହା ଏକ ଉପବିଷ ଓ ଗୋମୂତ୍ର ସହ ପ୍ରକ୍ରିୟାକରଣ କଲେ ଏହା ବ୍ୟବହାର ଉପଯୋଗୀ ହୁଏ ।

✧✧✧

# ଜାଇଫଳ

| ବିଭିନ୍ନ ଭାଷାରେ ଏହାର ନାମ | | |
|---|---|---|
| ଇଂରାଜୀ | : | Natmeg |
| Scientific Name | : | *ମିରିଷ୍ଟିକା ଫ୍ରଗ୍ରାନ୍ସ୍* |
| ସଂସ୍କୃତ | : | ଜାତୀଫଳ |
| ହିନ୍ଦୀ | : | ଜାୟଫଳ |
| ବଙ୍ଗଳା | : | ଜାୟଫଳ |
| ତେଲୁଗୁ | : | ଜାତିକାୟା |
| ତାମିଲ୍ | : | ଜାଟିକ୍କାଇ |
| ମାଲାୟାଲସମ୍ | : | ଜାଟି |
| କନ୍ନଡ଼ | : | ଜାତିକାୟି |

ଜାଇଫଳ ଏକ ମଧ୍ୟମ ଆକାରର ପୃଥକ ଲିଙ୍ଗୀ, ସୁବାସିତ, ଚିରହରିତ ବୃକ୍ଷ ଅଟେ । ଏହାର ବାହ୍ୟଭାଗର ବକ୍କଳ ପାଉଁଶିଆ ରଙ୍ଗ ବିଶିଷ୍ଟ ଏବଂ ଭିତର ଭାଗରେ ଲାଲ ବର୍ଣ୍ଣର ରସ ଥାଏ । ପତ୍ରଗୁଡ଼ିକ ସରୁ, ବର୍ଗାକାର, ପତଳା, ଚର୍ମିଳ, ଉପର ଭାଗ ଚିକ୍ ଚିକ୍ କରୁଥିବା ବେଳେ ତଳଭାଗ ସାଧାରଣ ହୋଇଥାଏ । ଫୁଲଗୁଡ଼ିକ ହଳଦୀ ମିଶା ଲହୁଣୀ ବର୍ଣ୍ଣର ଏବଂ ବାସ୍ନାଯୁକ୍ତ । ଛତ୍ରାକାରର ସସୀମ ସ୍ତବ କଳରେ ରହିଥାଆନ୍ତି । ଅଣ୍ଡିରା ଫୁଲରେ ବୃନ୍ତ ଥାଏ, ମାଇ ଫୁଲରେ ବୃନ୍ତ ନଥାଏ । ଏହାର ଫଳଗୁଡ଼ିକ ହଳଦିଆ, ଆୟତକାର, ଫଳରେ ଆବରଣ ମାଂସାଳ; ଏହା ପାଚିଲା ପରେ ଦୁଇଫାଳ ହୋଇଥାଏ । ଏହାର ମଞ୍ଜି ଗୁଡ଼ିକ ଅଣ୍ଡାକାର, ମଞ୍ଜି ଆବରଣ ହଳଦିଆ ମିଶା ନାଲି ରଙ୍ଗର ହୋଇଥାଏ । ଏହା ଅସମ ଭାବରେ କୁଞ୍ଚିତ ହୋଇ ମଞ୍ଜିର ଅଗ୍ରଭାଗ ପର୍ଯ୍ୟନ୍ତ ଘୋଡ଼ାଇ ରଖିଥାଏ ।

**ଉପାଦେୟତା**

ଜାଇଫଳ ମଞ୍ଜିରେ ୭.୧% ବାସ୍ନାତେଲ, ୨.୫% ଓଲିଓରେଜିନ୍ ଏବଂ ୩୦.୯% ବଟର ଥିବାବେଳେ ଜାୟତ୍ରୀରେ ୭.୧% ବାସ୍ନାତେଲ ଏବଂ ୧୩.୮% ଓଲିଓ ରେଜିନ୍ ଥାଏ । ଜାଇଫଳ ଗଛର ପତ୍ରରସ ଓ ମୂଳ ଚୂର୍ଣ୍ଣ ଦ୍ୱାରା ବାତ, ପିତ୍ତ, କଫ, ମୁଖ ଓ ଦାନ୍ତରୋଗ, ବ୍ରଣ, ଶିର ପୀଡ଼ା ଭଲ କରାଯାଇଥାଏ । ଏହାଦ୍ୱାରା ବାତ, କଫ, ବାନ୍ତି, କୃମି, ଶୋଥ, କୋଷ୍ଠବଦ୍ଧତା, ଅଗ୍ନିମାନ୍ଦ୍ୟ, ପକ୍ଷାଘାତ, ଚକ୍ଷୁରୋଗ ଆଣ୍ଠୁ ଗଣ୍ଠି ବାତ ଆଦି ରୋଗ ଉପଶମ ହୋଇଥାଏ ।

**ଚାଷ ପଦ୍ଧତି**

ଏହା ଚିକିଟା, ଦୋରସା ଓ ଲାଲ କଙ୍କର ମାଟିରେ ଚାଷ କରାଯାଇଥାଏ । ଏହା ଉଷ୍ମ ଏବଂ ଆର୍ଦ୍ର ଜଳବାୟୁରେ ଭଲ ହୋଇଥାଏ । ଏଥିପାଇଁ ହାରାହାରି ୧୫୦ ସେମିରୁ ଅଧିକ ବୃଷ୍ଟିପାତ ଆବଶ୍ୟକ ହୋଇଥାଏ । ଏହା ସମୁଦ୍ର ପତ୍ତନଠାରୁ ୧୩୦୦ ମିଟର ଉଚ୍ଚାପ ବିଶିଷ୍ଟ ସ୍ଥାନରେ ଚାଷ କରାଯାଇଥାଏ । ଏହି ଚାଷ ପାଇଁ ଶୁଷ୍କ ଜଳବାୟୁ ଏବଂ ସନ୍ତସନ୍ତିଆ ସ୍ଥାନ ଉପଯୁକ୍ତ ନୁହେଁ ।

**ବିହନ**

ଏହା ମଞ୍ଜିଦ୍ୱାରା ବଂଶ ବିସ୍ତାର କରିପାରୁଥିଲେ ମଧ୍ୟ ଶତକଡ଼ା ୫୦ ଭାଗ ଚାରା ଅଣ୍ଡିରା ହେଉଥିବାରୁ ଓ ଛୋଟ ଅବସ୍ଥାରେ ଚିହ୍ନିବା କଷ୍ଟକର ହେଉଥିବାରୁ ଅଙ୍ଗଜ ଜନନ ଦ୍ୱାରା ସୃଷ୍ଟି ଚାରା ବ୍ୟବସାୟିକ କ୍ଷେତ୍ରରେ ବ୍ୟବହୃତ କରାଯାଇଥାଏ । ଏଥିପାଇଁ ଜୁନ୍ ଜୁଲାଇରେ ପ୍ରାକୃତିକ ଭାବରେ ପାଚି ଫାଟିଥିବା ଫଳରୁ ମଞ୍ଜି ସଂଗ୍ରହ କରି ସଙ୍ଗେ ସଙ୍ଗେ ବାଲିମିଶା ଚାରା ପଟାଳିରେ ଲଗାଇ ପାଣିଦେଲେ ୩୦ରୁ ୯୦ଦିନ ମଧ୍ୟରେ ଗଜା ବାହାରିଥାଏ । ୨୦ ଦିନରେ ଗଜା ଗଛରୁ ପଲିଥିନ୍ ମୁଣାକୁ ସ୍ଥାନାନ୍ତର କରାଯାଇଥାଏ । ଚାରାର ମୋଟେଇ ୫କି.ମି. ହେବାବେଳେ ୨ରୁ ୩ଟି ପତ୍ରଥିବା ସିଅନ୍ ଆର୍ଣ୍ଣ 'V' ଆକାର କଟାରେ ରୁଆ ଯାଇଥାଏ । ଚାଷପାଇଁ ହେକ୍ଟର ପ୍ରତି ୩୬୦ଟି ଚାରା ଗଛ ଆବଶ୍ୟକ ହୋଇଥାଏ ।

**ଜମି ପ୍ରସ୍ତୁତି**

ମାଟିକୁ ଫସ୍‌ଫସିଆ କରିବା ପାଇଁ ଜମିକୁ ୨/୩ ଥର ହଳ କରାଯାଇଥାଏ । ଜମି ପ୍ରସ୍ତୁତି କରିବାର ୧୫ ଦିନ ପରେ ଗଛ ଲଗାଯାଇଥାଏ ।

**ଜଳ ପରିଚାଳନା**

ଗଛ ଲଗାଇବା ପରେ ଜମିରେ ଜଳ ସେଚନ କରାଯାଇଥାଏ । ବର୍ଷା ଋତୁରେ ଗଛ ମୂଳରେ ପାଣି ଜମି ନରହିବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା କରାଯିବା ଉଚିତ୍ ।

ଗଛ ଛୋଟ ଥିବାବେଳେ କୋଡ଼ାଖସା ଓ ଘାସ ବାଛି କରି ଗଛ ମୂଳକୁ ମାଟି ଟେକି ଦିଆଯାଇଥାଏ । ପ୍ରତିବର୍ଷ ବର୍ଷା ଆରମ୍ଭରେ ଆବଶ୍ୟକ ପରିମାଣର ଖତସାର ପ୍ରୟୋଗ କରାଯାଇଥାଏ । ୨୦ଟି ମାଈଗଛ ମଧ୍ୟରେ ଗୋଟିଏ ଅଣ୍ଡିରା ଗଛ ପୋତାଯିବା ଦରକାର ।

**ରୋଗପୋକ ନିୟନ୍ତ୍ରଣ**

ଜାଇଫଳ ଗଛରେ ସାଧାରଣତଃ କଳା କାତିପୋକ, ଧଳା କାତିପୋକ ଏବଂ ସିଲଡ୍ କାତିପୋକ ଗଛର ରସ ଶୋଷି ବିଶେଷ କ୍ଷତି କରିଥାଆନ୍ତି । ଏଥିପାଇଁ ୦.୦୫ ମନୋକ୍ରୋଟୋଫସ ଦ୍ରବଣ ସିଞ୍ଚନ କରାଯାଇଥାଏ । ସେହିଭଳି ଗଛର ପତ୍ରମୋଡ଼ା, କାଣ୍ଡପୋଡ଼ା ରୋଗ, ଫଳପଚା, କାଣ୍ଡ କଣାରୋଗ ହୋଇଥାଏ । ଏହି ରୋଗ ନିୟନ୍ତ୍ରଣ କରିବା ପାଇଁ ୧% ବୋର୍ଡ଼କ୍ସ ଦ୍ରବଣ ସିଞ୍ଚନ କରାଯାଇଥାଏ ।

**ଅମଳ**

ଗଛ ୬ବର୍ଷରେ ହେଲେ ଫଳ ଧରିଥାଏ । ୨୦ ବର୍ଷ ପରେ ଗଛରେ ସର୍ବାଧିକ ଫଳ ଅମଳ ହୋଇଥାଏ । ଜୁନ୍ ମାସରେ ଅଗଷ୍ଟ ମାସ ମଧ୍ୟରେ ଗଛରେ ୯ ମାସରେ ସାଧାରଣତଃ ଫଳ ପାଚି ଅମଳ ହୋଇଥାଏ । ଫଳ ପାଚି ଫାଟିଗଲେ ଫଳକୁ ତୋଳି ତାର ଚୋପା ଛଡ଼ା ଯାଇଥାଏ ଏବଂ ମଞ୍ଜି ଓ ଘୋଡ଼ଣୀକୁ ହାତରେ ଅଲଗା କରି ଖରାରେ ଅଲଗା ଅଲଗା ସୁଖା ଯାଇଥାଏ । ଜାୟତ୍ରୀ (ମଞ୍ଜିର ପୋଢ଼ଣୀ) ହଳଦିଆ ବାଦାମୀ ରଙ୍ଗର । ଶୁଖି ଗଲାପରେ ଏହା ଟାଣ ହୋଇଯାଇଥାଏ । ଏହାର ଉପର ମୋଟା ଚୋପାକୁ ଆଚାର, ଜାମ୍ ଓ ଜେଲି ତିଆରିରେ ବ୍ୟବହାର କରାଯାଇଥାଏ ।

✧✧✧

# ଚାଲାଣ ହେଉଛି ମୂଲ୍ୟବାନ ପ୍ରଜାତି

ଆମ ପରିବେଶରେ ଥିବା ଅନେକ ବୃକ୍ଷ ସଂପର୍କରେ ଆମେ ସଚେତନ ନଥିବାର ସୁଯୋଗ ନେଇ କେତେକ ମୁନଫା ଖୋର ବ୍ୟବସାୟୀ ଏହାର ଚୋରାଚାଲାଣ କରୁଥିବା ନଜରକୁ ଆସିଥାଏ । ନିକଟରେ କୋଲକତାର ଏକ ଦଳ ଆନନ୍ଦପୁର ଅଂଚଳରୁ ବ୍ୟାପକ ଅରଖ ଫୁଲ ସଂଗ୍ରହ କରିନେଉଥିବା ଓ ଏହାର ବ୍ୟବହାର ସଂପର୍କରେ ସ୍ଥାନୀୟ ଲୋକଙ୍କୁ ଅଜଣା ଥିବା ଭଳି ଘଟଣା ଗଣମାଧ୍ୟମଗୁଡ଼ିକରେ ପ୍ରସାରିତ ହୋଇଛି । ଶିମିଳିପାଳ ଜାତୀୟ ଉଦ୍ୟାନ ମଧ୍ୟରୁ ଶହଶହ ଟନ୍‌ର ଆମଠା ଅଠା ସଂଗ୍ରହ ଓ ଚୋରା ଚାଲାଣକୁ ପ୍ରଶାସନ ବାଧା ଦେଇପାରିନି । ଶିମିଳିପାଳ ଜଙ୍ଗଲରେ ସୃଷ୍ଟି ହେଉଥିବା ଏକ ପ୍ରକାର କାଠ ଛତୁକୁ ବେପାରୀମାନେ ଶାଗମାଛ ଦରରେ ନେଇ ମୁମ୍ବାଇ ପର୍ଯ୍ୟନ୍ତ ଚାଲାଣ କରିଛନ୍ତି । ଘର ସାଜସଜ୍ଜା ପାଇଁ ଏସବୁ ଛତୁ ସଂଗ୍ରହ ହେଉଥିବା ଦର୍ଶାଯାଉଥିଲେ ମଧ୍ୟ ଏଥିରୁ କୁଆଡ଼େ ପେନ୍‌ସିଲିନ୍ ଇଞ୍ଜେକ୍‌ସନ୍ ତିଆରି ହେଉଛି ବୋଲି ଆଲୋଚନା ଚାଲିଛି । ଅତୀତରେ ଲୋଧା ମେଧା ଓ ଫଣଫଣା ଛାଲି ବ୍ୟାପକ ଭାବେ ସଂଗ୍ରହ ହୋଇ ଚାଲିଯାଉଥିବା ବେଳେ ବନବିଭାଗ ଜାଣି ଅଜଣା ରହିଥିଲା ବୋଲି ଗୁରୁତର ଅଭିଯୋଗ ହେଉଛି ।

ଏବେ କିଛିବର୍ଷ ହେଲା ନୟାଗଡ଼ ବିଶେଷ କରି କଣ୍ଟିଲୋ ଜଙ୍ଗଲରୁ ବ୍ୟାପକ ଭାବରେ ଅଡୁଙ୍ଗା ଗଛର ଅଂଶବିଶେଷକୁ ଚାଲାଣ କରାଯାଉଛି । ବେପାରୀମାନେ ଖୋଲା ଜଙ୍ଗଲ ଭଳି ଅଂଚଳରେ ଦେଖାଯାଉଥିବା ଏହି ଗଛକୁ ଶ୍ରମିକମାନଙ୍କୁ ଚିହ୍ନାଇ ଦେଇଛନ୍ତି । ଶ୍ରମିକମାନେ ଖୋଜିଖୋଜି ଅଡୁଙ୍ଗା ଗଛକୁ ମୂଳ ସହ ତାଡ଼ି ବାହାର କରୁଛନ୍ତି । ସ୍ଥାନୀୟ ତଥା ଆଖପାଖ ଗ୍ରାମାଞ୍ଚଳର ଲୋକମାନେ ଅଡୁଙ୍ଗା ଗଛର କଅଁଳିଆ ପତ୍ରକୁ ଶାଗ ରୂପେ ବ୍ୟବହାର କରିଥାନ୍ତି । ଏହାର ଫଳ ଘରେ ରଖିଲେ ଓଡ଼ଶ ବଂଶ ନଷ୍ଟ ହୋଇଯାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି । ଅଡୁଙ୍ଗା ଗଛର ପତ୍ର ଓ ଡାଳରେ ଫୁଲତୋଡ଼ା କରାଯାଉଥିବା ବେଳେ ବିଶେଷ କରି ଛାତ୍ର ଛାତ୍ରୀ ମାନେ ଗଣେଶ ପୂଜା ଓ ସରସ୍ୱତୀ ପୂଜା ସମୟରେ ଏହି ଗଛକୁ କାଟି ପୂଜା ମଣ୍ଡପ ସଜାଇଥାନ୍ତି । ଏହି ଗଛ ଗ୍ରାମ୍ୟ ଜଙ୍ଗଲ ଓ ପାହାଡ଼ରେ ଦେଖାଯାଇଥାଏ । ତେବେ ବାହାର ରାଜ୍ୟର ବେପାରୀମାନେ ଏହି ବିରଳ ଗଛଟିର ମୂଳ ଖୋଳି ନେଇ ଯାଉଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ କିଛି ବୁଝି ପାରୁ ନାହାନ୍ତି । ପତ୍ର ବ୍ୟତୀତ ଏହାର ଗଣ୍ଡି କଣ କାମରେ ଲାଗେ ସେଧାରଣା ଲୋକଙ୍କ ପାଖରେ ନାହିଁ । ବେପାରୀମାନେ ଗଛଗୁଡ଼ିକୁ ବହୁଳ ଭାବରେ କାଟି ନେଉଛନ୍ତି । ନିକଟରେ ଲକ୍ଷ୍ମୀପ୍ରସାଦ ଗାଁରେ କେତେକ ଅନୁସୂଚିତ ଜାତିର ଲୋକ ଗଛ କାଟୁଥିବା ବେଳେ ସେମାନେ କୋଲକତାର ଜନୈକ ବ୍ୟବସାୟୀଙ୍କ ନିର୍ଦ୍ଦେଶରେ ଗଛ କାଟୁଛନ୍ତି ବୋଲି କହିଥିଲେ । ବ୍ୟବସାୟୀ ଜଣକ ଏହି ଗଛଟିକୁ ଚିହ୍ନାଇଦେଇ ଏହାର ମଞ୍ଜିକୁ ସଂଗ୍ରହ କରିଦେଲେ କେଜି ପ୍ରତି ୩ଟଙ୍କା ଦରରେ ମଞ୍ଜିଗୁଡ଼ିକ କିଣି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା କଥା କହିଥିଲେ । ଏହି ମଞ୍ଜିର ବ୍ୟବହାର ସଂପର୍କରେ ସ୍ଥାନୀୟ ଜନସାଧାରଣଙ୍କ ପାଖରେ କିଛି ସୂଚନା ନାହିଁ । ଔଷଧୀୟ ବ୍ୟବହାର ହୋଇଥିବ ବୋଲି ସେମାନେ ଅନୁମାନ କରନ୍ତି ।

ରାଜ୍ୟରେ ଜୈବ ବିବିଧତା ପରିଷଦ ଗଢ଼ାଯାଇଛି ସତ ହେଲେ ଜୈବ ବିବିଧତା ଆକଳନ ଓ ପ୍ରମୁଖ ପ୍ରଜାତିର ଚାଲାଣ ରୋକିବା ଦିଗରେ ପଦକ୍ଷେପ ନିଆଯାଇ ନାହିଁ । ଅତୀତରେ ଗୋଟିଏ ଗୋଟିଏ ପ୍ରଜାତିର ବ୍ୟାପକ ଚାଲାଣ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଏହି ସବୁ ପ୍ରଜାତି ବିରଳ ବିଲୁପ୍ତ ଓ ଦୁଷ୍ପ୍ରାପ୍ୟ ହୋଇଯାଇଛି । ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସଂଗ୍ରହ ଓ ଚାଲାଣ ପାଇଁ କଟକଣା ଥିବା ପାତାଳ ଗରୁଡ଼, କୋଚିଲାଖାଇ, ବିଡ଼ଙ୍ଗ, ଲହଲଙ୍ଗଳିଆ ଆଦି ଔଷଧୀୟ ବୃକ୍ଷଲତାଦିର ଅଂଶବିଶେଷ ବାହାର ରାଜ୍ୟର ବେପାରୀମାନେ ସ୍ଥାନୀୟ ଶ୍ରମିକ ଓ ଏଜେଣ୍ଟମାନଙ୍କ ଜରିଆରେ ସଂଗ୍ରହ କରିନେଉଥିବା ଜଣାପଡ଼ିଛି ।

ବିଶ୍ୱର ୧୨ଟି ପ୍ରମୁଖ ଜୈବ ବିବିଧତା ସମୃଦ୍ଧ ଦେଶମାନଙ୍କ ମଧ୍ୟରୁ ଭାରତ ଅନ୍ୟତମ ହୋଇଥିବା ବେଳେ ଆମ ରାଜ୍ୟରେ ଏପ୍ରକାର ସମ୍ବଳ ମଧ୍ୟ କିଛି କମ୍ ନୁହେଁ । ଔଷଧୀୟ ଗୁଣ ଥିବା ଆମ ଦେଶର ପ୍ରାୟ ୮୦୦୦ ପ୍ରଜାତି ମଧ୍ୟରୁ ଅଧିକାଂଶ ପ୍ରଜାତିକୁ ଆମ ରାଜ୍ୟର ପ୍ରାକୃତିକ ଜଙ୍ଗଲମାନଙ୍କରେ ଦେଖିହୁଏ । ଏଗୁଡ଼ିକର ଔଷଧୀୟ ବିଶେଷତ୍ୱ ସଂପର୍କରେ ଅଧିକାଂଶ ଲୋକ ସୂଚନା ରଖିବାକୁ ଚାହୁଁ ନଥିବାରୁ ଅନେକ ପ୍ରଜାତିର ବେଆଇନ୍ ଚାଲାଣ ସହଜ ହୋଇଯାଉଛି । ଔଷଧୀୟ ବୃକ୍ଷ ପ୍ରଜାତି ଗୁଡ଼ିକର ଚିହ୍ନଟ କରିବାରେ ସମସ୍ତ ବନବିଭାଗ କର୍ମଚାରୀଙ୍କ ପାଖରେ ମଧ୍ୟ ଆବଶ୍ୟକ ଦକ୍ଷତା ନଥାଏ । ତନଖି ଫାଟକଗୁଡ଼ିକରେ ମିଥ୍ୟା ବିବରଣୀ ଦେଇ ପଞ୍ଚାୟତ ଗୁଡ଼ିକରୁ କ୍ରୟ କ୍ଷମତା ଥିବା ଜାଲ୍ ରସିଦ୍ ବଳରେ ମଧ୍ୟ କିଛି ମୂଲ୍ୟବାନ ବନୌଷଧୀ ଚାଲାଣ ହେଉଥିବାର ଅଭିଯୋଗ ହେଉଛି ।

କ୍ଷେତ୍ର ବନଚାରୀମାନଙ୍କୁ ବନାଞ୍ଚଳରେ ଉପଲବ୍ଧ ବୃକ୍ଷଲତାଗୁଡ଼ିକର ଚିହ୍ନଟ ଓ ଗୁଣାବଳୀ ସଂପର୍କରେ ପ୍ରଶିକ୍ଷଣ କରାଯାଉ । ଜଙ୍ଗଲ ସୁରକ୍ଷାକାରୀ ଗୋଷ୍ଠୀଙ୍କୁ ମଧ୍ୟ ଏହି ପ୍ରଶିକ୍ଷଣରେ ସଂଶ୍ଳିଷ୍ଟ କରାଯାଉ । ବର୍ଷ ଅନୁଯାୟୀ କେଉଁ ଦ୍ରବ୍ୟ ପାଇଁ କେଉଁ ବେପାରୀ ଲାଇସେନ୍ସ ପାଇଛନ୍ତି ତାହା ସର୍ବସାଧାରଣରେ ସାମ୍ନାରେ ବିଜ୍ଞପ୍ତି କରାଯାଉ । ଲାଇସେନ୍ସ କରିଥିବା ବ୍ୟବସାୟୀ ଜଣକ କେତେ ପରିମାଣରେ ଦ୍ରବ୍ୟ କିଣି ପାରିବେ ତାର ସୀମା ନିର୍ଦ୍ଧାରଣ କରାଯାଉ । ଜଙ୍ଗଲରେ ଉପଲବ୍ଧ ବନଜାତ ଦ୍ରବ୍ୟର ପରିମାଣ, ସଂଖ୍ୟା ଓ ସମ୍ଭାବ୍ୟ ଆକଳନକୁ ଦୃଷ୍ଟିରେ ରଖି ପଞ୍ଚାୟତ ଏଭଳି ନିଷ୍ପତ୍ତି ନେଉ । ମୂଳ ତାଡ଼ିବା, ଛେଲି ବାହାର କରିବା, ଗଛ ହାଣି ଦେବା ଭଳି ପରିସ୍ଥିତି ସୃଷ୍ଟି କରୁଥିବା ବନଜାତ ଦ୍ରବ୍ୟ ସଂଗ୍ରହକାରୀଙ୍କୁ ଚିହ୍ନଟ କରି ସହନୀୟ ଜୈବ ବିବଧତା ପରିଚାଳନା ସମିତିମାନ ଗଠନ ଓ ସକ୍ରିୟ କରାଯାଇ ବିଭିନ୍ନ ଜୈବ ପଦାର୍ଥର ବ୍ୟାବସାୟିକ ସଂଗ୍ରହକୁ ନିୟନ୍ତ୍ରଣାଧୀନ କରାଯାଉ ।

✧✧✧

# କେନ୍ଦୁଝରରେ ଜଙ୍ଗଲଜାତ ଦ୍ରବ୍ୟ ଭିତ୍ତିକ ଜୀବିକା

କାଠ, ଜାଳେଣୀ, ଔଷଧ, ପ୍ରସାଧନ ଦ୍ରବ୍ୟ, ଖାଦ୍ୟ ଦ୍ରବ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତା ଦୃଷ୍ଟିରୁ କେନ୍ଦୁଝରର ବନ ବାସିନ୍ଦା ଜଙ୍ଗଲ ଉପରେ ନିର୍ଭର କରି ଆସିଛନ୍ତି । କେନ୍ଦୁଝରର ବନ ବାସିନ୍ଦାମାନଙ୍କ ପାଖରେ ଜଙ୍ଗଲ ସମ୍ପଦର ମୂଲ୍ୟ ଓ ଉପଯୋଗକୁ ନେଇ ପୀଢ଼ି ପରେ ପୀଢ଼ି ଧରି ଦେଶୀୟ ପାରମ୍ପରିକ ଜ୍ଞାନ ରହିଆସିଛି । ବନଜ ସମ୍ପଦର ସବିଶେଷ ଜ୍ଞାନ ଏମାନଙ୍କ ପରିବେଶ ସ୍ୱାସ୍ଥ୍ୟ ରକ୍ଷା ଓ ଜୀବିକା ନିର୍ବାହ ପାଇଁ ସହାୟକ ହୋଇ ଆସିଛି ।

୧୯୮୧ ଜନଗଣନା ଅନୁଯାୟୀ କେନ୍ଦୁଝର ଜିଲ୍ଲାରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୪,୯୯,୬୫୭ରୁ ୧୯୯୧ରେ ୫,୯୫,୧୮୪କୁ ପହଞ୍ଚିବା ବେଳେ ୨୦୦୧ ଜନ ଗଣନା ଓ ୨୦୧୧ ଜନଗଣନା ଅନୁଯାୟୀ କେନ୍ଦୁଝର ଜିଲ୍ଲାର ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ଏକ ଦଶନ୍ଧି ମଧ୍ୟରେ ୧୧.୯% ପ୍ରତିଶତ ବୃଦ୍ଧି ଲକ୍ଷ୍ୟ କରାଯାଇଛି । ରାଜ୍ୟର ସମୁଦାୟ ୬୨ ପ୍ରକାର ଜନଜାତିଙ୍କ ମଧ୍ୟରୁ କେନ୍ଦୁଝରରେ ୪୬ ପ୍ରକାରର ଜନଜାତି ବାସ କରିଥାଆନ୍ତି । ବାଦୁଡ଼ି, ଭୂୟାଁ, ଭୁନଜ, ଗଣ୍ଡ, ହୋ, କୁଆଙ୍ଗ, କିଷାନ, କୋହ୍ଲ, ମୁଣ୍ଡା, ଓରାଂ, ସାନ୍ତାଳ, ସୌରା, ଶବର ଏବଂ ସାଁତି ସାପ୍ରଦାୟର ୯୬.୧୨ ପ୍ରତିଶତ ଥିବା ସରକାରୀ ପରିସଂଖ୍ୟାନ ଗୁଡ଼ିକରୁ ଜଣାଯାଇଛି । ଏହି ସବୁ ଅନୁସୂଚିତ ଜନଜାତିର ୯୦ ପ୍ରତିଶତ ଜଙ୍ଗଲ ପାଖାପାଖି ଅଂଚଳରେ ଏବେ ବି ବସତି ସ୍ଥାପନ କରିଛନ୍ତି ଏବଂ ଜଙ୍ଗଲଜାତ ଦ୍ରବ୍ୟକୁ ଜୀବିକା ନିର୍ବାହର ମୁଖ୍ୟ ମାଧ୍ୟମ କରି ଚଳୁଛନ୍ତି ।

ଜିଲ୍ଲାର ବିଭିନ୍ନ ଅଂଚଳର ଜନଗଣ ବିଭିନ୍ନ ପ୍ରକାର ଅଣକାଷ୍ଠ ବନଜାତ ଦ୍ରବ୍ୟର ଅଂଶବିଶେଷକୁ ବ୍ୟବହାର କରିଥାନ୍ତି । ଗାଁ ଆଖପାଖ ଜଙ୍ଗଲରେ ଉପଲବ୍ଧ ପରିମାଣ ଓ ବଜାରର କିଣାବିକା ସ୍ଥିତିକୁ ନେଇ ଏମାନେ ଦ୍ରବ୍ୟ ସଂଗ୍ରହ କରନ୍ତି । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରଗୁଡ଼ିକ ଅନେକ ପ୍ରକାର ଦ୍ରବ୍ୟ ସଂଗ୍ରହ କରୁଥବାବେଳେ ସମସ୍ତ ବର୍ଗର ଲୋକ ମୁଖ୍ୟ ଦ୍ରବ୍ୟ ଗୁଡ଼ିକ ସଂଗ୍ରହ କରିଥାନ୍ତି । ସଂଗୃହୀତ ଦ୍ରବ୍ୟଗୁଡ଼ିକ ମଧ୍ୟରୁ କେବଳ ମହୁଲ ଓ କୁସୁମ ମଞ୍ଜିର ପ୍ରତିଶତ ହେଉଛି ୩୬% । ଟୋଲ ୯%, ୫% ଅଁଳା, ୫% ବାହାଡ଼ା, ୫ପ୍ରତିଶତ ଚାର ମଞ୍ଜି, ୪ ପ୍ରତିଶତ ହରିଡ଼ା ସେମାନେ ସଂଗ୍ରହ କରିଥାନ୍ତି । ଅଧିକ ପରିମାଣର ଜଙ୍ଗଲୀ ଛତୁ ସଂଗ୍ରହ କରାଯାଇଥାଏ । ଅଁଳା ଫଳ ତୋଳି ଆଣିବା ପରେ ୭୦ ପ୍ରତିଶତ ସଂଗ୍ରହକାରୀ ତାଜା କଞ୍ଚା ଫଳକୁ ବିକ୍ରି କରି ଦେଇଥାଆନ୍ତି, ୩୦ ପ୍ରତିଶତ ଅଁଳା ଶୁଖାଇ ବିକ୍ରି କରାଯାଇଥାଏ । ଖୁବ୍ କମ୍ ଲୋକ ଶୁଖିଲା ଅଁଳାକୁ ଘରେ ରଖି ଔଷଧୀୟ ବ୍ୟବହାର କରିଥାନ୍ତି । ବୈଦ୍ୟ କବିରାଜଙ୍କ ସମେତ ମାତ୍ର ୨ ପ୍ରତିଶତ ଆଦିବାସୀ ଅଁଳାକୁ ନିଜ ପାଇଁ ବ୍ୟବହାର କରୁଥିବା ବେଳେ ୯୮ପ୍ରତିଶତ ଅଁଳାକୁ ବ୍ରିକି କରାଯାଇଥାଏ ବୋଲି ଦୁଇଟି ଗାଁ'ର ସର୍ବେକ୍ଷଣରୁ ଜଣାପଡ଼ିଛି ।

ତେନ୍ତୁଳି ସଂଗ୍ରହରୁ ଏକ ଭଲ ଆୟ ସେମାନେ ପାଇଥାଆନ୍ତି । ଗଛରୁ ଝଡ଼ିବାପରେ ତେନ୍ତୁଳିର ଉପର ଚୋପା ଛଡ଼ାଇ ମଞ୍ଜିଯୁକ୍ତ ତେନ୍ତୁଳିକୁ ସେମାନେ ସିଧାସଳଖ ବିକ୍ରି କରିଦେଇଥାଆନ୍ତି । ଖୁବ୍ କମ୍ ସଂଗ୍ରହକାରୀ ତେନ୍ତୁଳିରୁ ମଞ୍ଜି ବାହାର କରି ବିପଣନ କରନ୍ତି । ଫେବ୍ରୁୟାରୀ ଠାରୁ ମାର୍ଚ୍ଚ ମାସ ମଧ୍ୟରେ କେନ୍ଦୁଝରର ସଂଗ୍ରହକାରୀମାନେ ତେନ୍ତୁଳି ସଂଗ୍ରହ କରିଥାନ୍ତି ।

କେନ୍ଦୁଝରର ପ୍ରାଥମିକ ସଂଗ୍ରହକାରୀମାନେ ମାର୍ଚ୍ଚରୁ ଅପ୍ରିଲ ମାସ ପର୍ଯ୍ୟନ୍ତ ମହୁଲ ସଂଗ୍ରହରେ ବ୍ୟସ୍ତ ରହନ୍ତି । ମହୁଲରୁ ମଦ ତିଆରି ହେଉଥିବାରୁ ଏହି ଦ୍ରବ୍ୟଟି ସେମାନଙ୍କର ମୁଖ୍ୟ ସଂଗ୍ରହ ଭାବେ ପରିଗଣିତ ହୋଇଛି । ଜିଲ୍ଲାର ବନବାସିନ୍ଦାମାନେ ଲିଙ୍ଗ, ବୟସ ନିର୍ବିଶେଷରେ ମହୁଲ ଫୁଲ ସଂଗ୍ରହ କରିଥାନ୍ତି । ମହୁଲ ବିକ୍ରି ଲବ୍ଧ ଅର୍ଥରୁ ୩-୪ମାସର ଆୟ ପାଇ ପାରୁଥିବା ବେଳେ ଖୁବ୍ କମ୍ ସଂଗ୍ରହକାରୀ ମହୁଲ ଫୁଲକୁ ଘରେ ରଖି ମଦ୍ୟ ପ୍ରସ୍ତୁତ କରି ବ୍ୟବହାର କରିଥାନ୍ତି । ସାଳାଇ ଅଠା, ଶାଳ ପତ୍ର ବିକ୍ରୀରୁ ମଧ୍ୟ ଏକ ମୋଟା ଭାଗ ଆୟ ହୋଇଥାଏ । କେନ୍ଦୁପତ୍ରରୁ ମଧ୍ୟ ଏକ ଆଖି ଦୃଷ୍ଟିଆ ଆୟ ସେମାନେ କରିପାରିଥାନ୍ତି ।

୮୦ ପ୍ରତିଶତରୁ କେନ୍ଦୁଝର ଜିଲ୍ଲାରେ ଖଣି ଖାଦାନ ସଂଖ୍ୟା ବୃଦ୍ଧି ପାଇଛି । ୧୯୮୪ ମସିହାରେ ୭୨ଟି ଖଣି କାର୍ଯ୍ୟକାରୀ ହେଉଥିବା ବେଳେ ୨୦୦୧ରେ ୭୬ଟି ଖଣି ଏବଂ ୨୦୦୫ରୁ ୧୧୯ ଖଣି କାର୍ଯ୍ୟ ଚାଲିଛି । ସବୁଠୁ ବେଶୀ ପ୍ରଦୂଷଣ ସୃଷ୍ଟି କରୁଥିବା ୧୮ଟି ସ୍ପଞ୍ଜ ଆଇରନ କାରଖାନା, ୧୧୦ଟି ଲୁହାପଥର କ୍ରସର ଓ ୧୧୯ଟି ଖୋଲା ଖଣି ଜିଲ୍ଲାର ପରିବେଶ ସହ ପାରମ୍ପରିକ ଜୀବିକା ଉପରେ ମଧ୍ୟ ନକରାତ୍ମକ ପ୍ରଭାବ ପକାଇଛି । କାଶିଆ ଗାଁ'ର ଉଦାହରଣ ଦେଖାଯାଉ । ୪୧୭ ପରିବାର ବିଶିଷ୍ଟ ଏହି ଗାଁ'ରେ ୧୨୦୦ ଲୋକ ବାସକରନ୍ତି । ଜଙ୍ଗଲ ଜାତ ଦ୍ରବ୍ୟ ଓ କୃଷି ଭିତ୍ତିକ ଜୀବିକା ଏବେ ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଗାଁ'ରେ ୧୨ଟି କ୍ରସର ଅହରହ ପଥର ଫଟାଉଛି । ଗାଁ' ପାଖ ଦେଇ ଦୈନିକ ଅନ୍ୟୂନ ୫୦୦ ଟ୍ରକ୍ ଯାତାୟତ କରୁଥିବାରୁ ଧୂଳି ଧୂଆଁ ଓ ପଥର ଗୁଣ୍ଡରେ ଗ୍ରାମବାସୀ ଅଣନିଃଶ୍ୱାସି ହୋଇ ପଡୁଛନ୍ତି । ପାଣି ପବନ ବୃକ୍ଷଲତାରେ ଉଡ଼ି ଆସୁଥିବା ପଥରଗୁଣ୍ଡର ଏକ ଆସ୍ତରଣ ସୃଷ୍ଟି ହୋଇଯାଇଛି । ମାତ୍ରାଧିକ ପ୍ରଦୂଷଣ କାରଣରୁ



ମହୁଲ, କେନ୍ଦୁପତ୍ର, ଶିଆଳି ପତ୍ର, କୁସୁମ ମଞ୍ଜି ସଂଗ୍ରହ ଏବେ ସ୍ୱପ୍ନ ହୋଇଛି । ଖଣି ଓ ଶିଳ୍ପ ଯୋଗୁଁ କେବଳ କାଶିଆ ନୁହଁ, ଯୋଡ଼ା ବ୍ଲକର ପଳାଶ, କଟୁପଲି, ଖଜୁରି ଡ଼ିହି ଏବଂ କେନ୍ଦୁଝର ସଦର ବ୍ଲକ୍‌ର ବଡ଼ବିଲ, ମରୁସନ, କୁରୁଡ଼ି, ଜଜାଙ୍ଗ, ସାୟାପବାଲି, ଜରିବାହାଲ, ରସାବେଡ଼ା ଗ୍ରାମର ଉପଲବ୍ଧ ଲଘୁ ବନଜାତ ଦ୍ରବ୍ୟଗୁଡ଼ିକ ମଧ ପ୍ରଭାବିତ ହୋଇଛି । କେନ୍ଦୁପତ୍ରଗୁଡ଼ିକ ଅମଳ ସମୟରେ କଣା ହୋଇଯିବା, ମହୁଲର ଆର୍ଦ୍ରତା ନଷ୍ଟ ହେବା, ଆକାରରେ ପରିବର୍ତ୍ତନ ଦେଖାଯିବା, କୁସୁମ, କରଞ୍ଜ ଓ ନିମ୍ବ ମଞ୍ଜିର ଆକାର ଓ ରଙ୍ଗରେ ପରିବର୍ତ୍ତନ ଘଟିବା ଆଦି ଲକ୍ଷ୍ୟ କରାଯାଉଛି ।

କେନ୍ଦୁଝରର ୨୧୨୫ ଖଣ୍ଡ ଗ୍ରାମର ୧୧,୭୦,୧୫୨ ସଂଖ୍ୟକ ଜନଗଣ ମୋଟ ୨୫୨୫.୦୮ ବର୍ଗ କି.ମି ଜଙ୍ଗଲ ଅଞ୍ଚଳରେ ଲଘୁ ବନଜାତ ଦ୍ରବ୍ୟକୁ ଯେଉଁ ବଞ୍ଚିବା ଓ ରୋଜଗାରର ମାଧମ ବୋଲି ବିବେଚନା କରି ଆସୁଥିଲେ ତାହା ଉପରେ ସଂପ୍ରତି ଭୟଙ୍କର ବିପଦ ମାଡ଼ି ଆସିଛି ।

ଘଞ୍ଚ ଜଙ୍ଗଲ, ପ୍ରଚୁର ଜଳ ସମ୍ପଦ, ଖଣିଜ ଦ୍ରବ୍ୟ ସର୍ବୋପରି ଜୈବ ବିବିଧତାର ରତ୍ନ ଭଣ୍ଡାର କୁହାଯାଉଥିବା କେନ୍ଦୁଝର ଜିଲ୍ଲା ସଂପ୍ରତି ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ୨୪ତମ ଜିଲ୍ଲା ଭାବେ ପରିଗଣତି ହୋଇଛି । ସାକ୍ଷରତା ଦୃଷ୍ଟିରୁ ଏହା ରହିଛି ୧୯ଟି ଜିଲ୍ଲା ତଳେ । ପ୍ରତି ୫ଜଣ ଚାଷୀଙ୍କ ମଧ୍ୟରୁ ୪ଜଣ ରହିଛନ୍ତି ଦାରିଦ୍ର୍ୟ ସୀମାରେଖା ତଳେ । ମୋଟ ଅନୁସୂଚିତ ଜନଜାତିଙ୍କ ମଧ୍ୟରୁ ୭୫ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ, ୫୭ପ୍ରତିଶତ ଗାଁ'ରେ ବିଜୁଳି ଆଲୁଅ ନାହିଁ । ଲଘୁ ବନଜାତ ଦ୍ରବ୍ୟ ଭିତ୍ତିକ କୁଟୀର ଶିଳ୍ପ ଏଠାରେ ଦିବା ସ୍ୱପ୍ନ ଭଳି । ୪୭ ପ୍ରତିଶତ ମହିଳା ପୁଷ୍ଟିହୀନତା ଭୋଗୁଥିବା ବେଳେ ୭୨.୦୩ ପ୍ରତିଶତ ଶିଶୁ ରକ୍ତ ହୀନତାରେ ପୀଡ଼ିତ । ୧୩ଟି ଯାକ ବ୍ଲକ୍‌ରେ ଏହି ଅବସ୍ଥା । ଦେଶରେ ମ୍ୟାଲେରିଆଜନିତ ମୃତକଙ୍କ ସଂଖ୍ୟା କେନ୍ଦୁଝରରେ ସର୍ବାଧିକ । ଅନ୍ୟୁନ ୩୦୦ ବ୍ୟକ୍ତି ପ୍ରତିବର୍ଷ ମ୍ୟାଲେରିଆରେ ମୃତ୍ୟୁବରଣ କରୁଥିବା କଥା ବେସରକାରୀଭାବେ କୁହାଯାଇଛି । ମାନବ ବିକାଶ ସୂଚକାଙ୍କରେ କେନ୍ଦୁଝର ୨୪ତମ ସ୍ଥାନରେ ରହିଛି । ରାଜ୍ୟର ମୁଣ୍ଡପ୍ରତି ଆୟ ୬୪୮୭ ଟଙ୍କା ଥିବା ବେଳେ କେନ୍ଦୁଝରରେ ଏତେ ଖଣି ଖାଦାନ କାର୍ଯ୍ୟକ୍ରମ ସତ୍ତ୍ୱେ ମୁଣ୍ଡ ପିଛା ଆୟ ୫୨୮୬ ଟଙ୍କା ଥିବା ଜଣାଯାଇଛି ।

ଏକଦା ହରିଚନ୍ଦନପୁର, ପାଟଣା, କେନ୍ଦୁଝର ସଦର, ଝୁମ୍ପୁରା, ହାଟଡିହି, ତେଲକୋଇ, ଚମ୍ପୁଆ ବ୍ଲକ୍ ଅଞ୍ଚଳରେ ବନବାସିନ୍ଦାମାନେ ଅଁଳା, ଅଶ୍ୱଗନ୍ଧା, ବେଲ, ଚିରଞ୍ଜି, ନିମ୍ବ, ବାସଙ୍ଗ, ଚାକୁଣ୍ଡା, ହରିଡ଼ା, କରଞ୍ଜ, କେନ୍ଦୁ, କୁସୁମ, ମହୁଲ, ଆମ୍ବ, ପଦ୍ମଚକ୍ର, ପଳାଶ, ଶାଳ ମଞ୍ଜି, ଶିଆଳିପତ୍ର, ତେନ୍ତୁଳି ଓ ଛତୁ ପ୍ରମୁଖ ସଂଗ୍ରହ କରୁଥିଲେ । ଜିଲ୍ଲାରେ ୧୯୮୯ରୁ ୨୦୧୧ ମଧ୍ୟରେ ୨୦.୪ ବର୍ଗ କି.ମି. ଜଙ୍ଗଲକୁ ଖଣି ଗ୍ରାସ କରିଦେବା ପରେ ଏବଂ ସ୍ପଞ୍ଜ ଆଇରନ୍‌ର ବିଷଧୂଆଁ ସଂଚରିଯିବା ପରେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଉପରେ ବାଧା ସୃଷ୍ଟି ହୋଇଛି । କେନ୍ଦୁଝର ସଦର ବ୍ଲକ୍‌ର ପ୍ରାଥମିକ ସଂଗ୍ରହକାରୀଙ୍କୁ ଦ୍ରବ୍ୟ ସଂଗ୍ରହ କରିବା ପାଇଁ ବେଶୀ ଦୂରକୁ ଯିବାକୁ ପଡୁଛି । ଯୋଡ଼ାରେ ହାତୀ ଉପଦ୍ରବ କାରଣରୁ ଲୋକେ ଜଙ୍ଗଲ ଯିବାକୁ ଡ଼ରୁଛନ୍ତି । ଜିଲ୍ଲାରୁ କେନ୍ଦୁପତ୍ର ସଂଗ୍ରହ ବାଧାପ୍ରାପ୍ତ ହୋଇଛି । ୪-୫ଟି ପ୍ରମୁଖ ଦ୍ରବ୍ୟକୁ ବାଦ୍ ଦେଲେ ଅନ୍ୟ ଦ୍ରବ୍ୟ ଗୁଡ଼ିକର ସଂଗ୍ରହ ମଧ ହୋଇପାରୁନାହିଁ ।

ବିଗତ ୩ବର୍ଷ ହେଲା ଜିଲ୍ଲା ସ୍ତରରେ ପ୍ରାଥମିକ ଦ୍ରବ୍ୟ ଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ ହୋଇନାହିଁ । ୨୦୧୧-୧୨ ବର୍ଷରେ ୧୭ଟି ଦ୍ରବ୍ୟ ପାଇଁ ମୂଲ୍ୟ ନିର୍ଦ୍ଧାରଣ ଜିଲ୍ଲା ସ୍ତରରେ ହୋଇଥିବା ଜଣାଯାଇଛି । ଏଥିରେ ବ୍ଲକ୍ ଓ ଗ୍ରାମ ପଞ୍ଚାୟତ ସ୍ତରର ଭାଗୀଦାରିତା ରହିନାହିଁ ।

ଗୋଟିଏ ସମୟ ଥିଲା ଜିଲ୍ଲାର ଜନଗଣ ସେମାନଙ୍କର ମୋଟ ଆୟର ୫୦ପ୍ରତିଶତ ଜଙ୍ଗଲ ଜାତ ଦ୍ରବ୍ୟରୁ ପାଉଥିଲେ । କୃଷି କ୍ଷେତ୍ରରୁ ୧୮ପ୍ରତିଶତ, ପଶୁ ସମ୍ପଳ ପରିଚାଳନାରୁ ୧୩ ପ୍ରତିଶତ ଓ ଅନ୍ୟାନ ନିଯୁକ୍ତି କ୍ଷେତ୍ରରୁ ୧୮ ପ୍ରତିଶତ ଆୟ ପାଉଥିଲେ । ଏବେ ଶିଆଳି ବୁଦାଗୁଡ଼ିକର ସଂଖ୍ୟା ହ୍ରାସ ପାଇବା, ଛତୁଗୁଡ଼ିକର ବିପଣନ ବ୍ୟବସ୍ଥା ହୋଇନପାରିବା, କୁସୁମ-କେନ୍ଦୁଚାର ଆଦି ଗଛ ଶିଳ୍ପାୟନ/ଖାଦାନ ପାଇଁ, ସଡ଼କ ଓ ରେଳପଥ ପାଇଁ ହଣା ଖାଇବାର ମାତ୍ରା ବଢ଼ି ବଢ଼ି ଚାଲିଛି । ଲୋକେ ଖଣିଜ ଦ୍ରବ୍ୟ ଉତ୍ତୋଳନ ପରିବହନ ଓ ଶିଳ୍ପ ପାଇଁ ନିଜ ଜୀବିକାକୁ ହରେଇବାରେ ଲାଗିଛନ୍ତି ।

✧✧✧



# ଝାର୍‌ଦ୍ୟାବ

## ୨୬


ରିଜିଓନାଲ୍ ସେଣ୍ଟର୍ ଫର୍
ଡେଭେଲପ୍‌ମେଣ୍ଟ୍ କୋଅପରେସନ୍

ଏ/୬୮, ୧ମ ମହଲା, ଶହୀଦ ନଗର
ଭୁବନେଶ୍ୱର-୭୫୧ ୦୦୭
ଫୋନ୍-(୦୬୭୪)୨୫୪୫୨୫୦
ଫାକ୍ସ-(୦୬୭୪) ୨୫୪୫୨୫୨

*Website:*
www.rcdcindia.org
www.banajata.org

*E-mail:*
info@rcdcindia.org
rcdcbbsr@bsnl.in, rcdcbbsr@gmail.com

ଆର୍.ସି.ଡି.ସି.- ବଲାଙ୍ଗୀର
ପ୍ୟାଲେସ୍ ଲାଇନ୍, ବଲାଙ୍ଗୀର-୭୬୭ ୦୦୨
ଫୋନ-୦୬୬୫୨-୨୩୪୮୪୨
E-mail: rcdcbgr@rediffmail.com

ଆର.ସି.ଡି.ସି.- ନବରଙ୍ଗପୁର
ମଦର ଟେରେସା ମାର୍ଗ, ବ୍ଲକ୍ ଛକ
ନବରଙ୍ଗପୁର-୭୬୪ ୦୫୯
ଫୋନ୍-୦୬୮୫୮-୨୨୩୭୯୨
E-mail: rcdcngr@bsnl.in

ଆର.ସି.ଡି.ସି.- କୋରାପୁଟ
ରାଣୀଗଡ଼ ଲାଇନ୍, ବିଇଡି କଲେଜ ନିକଟ
ଅଶୋକ ନଗର
କୋରାପୁଟ-୭୬୪ ୦୨୦
ଫୋନ୍-୦୬୮୫୨-୨୫୨୨୨୩



(କେବଳ ଘରୋଇ ପ୍ରସାରଣ ନିମିତ୍ତ)